## ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଚିରାଫଟା ପୋଷାକରେ ଡ୍ୟୁଟି କରୁଛନ୍ତି ସୁରକ୍ଷାକର୍ମୀ

ବଲାଙ୍ଗିର,୨୧।୩(ସମିସ)

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶାସନକୁ ସିକ୍ୟୁରିଟି ସଂସ୍ଥା ଖାତିର କରୁନାହିଁ। ଲାଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏହା ଅଧୀନରେ ଥିବା ଡାକ୍ତରଖାନାଗୁଡ଼ିକରେ କେୟାର ସିକ୍ୟୁରିଟି ସଂସ୍ଥା ପକ୍ଷରୁ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଛି। ତେବେ ଏହି ସବୁ

- କର୍ମଚାରୀଙ୍କୁ ଦରମା ଦେଉନି ସିକ୍ୟୁରିଟି ସଂସ୍ଥା
- ହଲେ ପୋଷାକରେ ବର୍ଷେ; ଚପଲ ପିନ୍ଧୁଛନ୍ତି
- କାରଣ ଦର୍ଶାଅ ନୋଟିସର ସନ୍ତୋଷଜନକ ଉତ୍ତର ମିଳୁନି






ସୁରକ୍ଷାକର୍ମୀଙ୍କୁ ୫ ମାସ ହେଲା ସଂସ୍ଥା ଦରମା ଦେଇନି। ଆହୁରି ୨ ମାସ ଦରମା ମିଳିବ ନାହିଁ ବୋଲି ଚେତବାନୀ ଦେଇଛି। କିନ୍ତୁ କାହିଁକି ବୋଲି କହିନି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଦରମା ଟଙ୍କା ପ୍ରଦାନ ନ କଲେ ମଧ୍ୟ ସଂପୃକ୍ତ ସଂସ୍ଥା ନିଜ କର୍ମଚାରୀଙ୍କୁ ଦରମା ଦେବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ଚୁକ୍ତି କରିଛି; ହେଲେ ବିଭିନ୍ନ ବାହାନା ଦେଖାଇ କାହିଁକି କର୍ମଚାରୀଙ୍କୁ ଦରମା ଦେଉନାହିଁ। ଏପରିକି ଲୋଇସିଂହା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସଂପୃକ୍ତ ସଂସ୍ଥା ନାମରେ ବିଭିନ୍ନ ପ୍ରକାର ଅଭିଯୋଗ ଅଣାଯାଇଛି; ହେଲେ ସଂସ୍ଥା ସନ୍ତୋଷଜନକ ଉତ୍ତର ରଖିନି। କୁଶଙ୍ଗ, ବାଦିମୁଣ୍ଡା ଓ କୁଶମେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬ ଜଣ ସୁରକ୍ଷା କର୍ମୀ କାର୍ଯ୍ୟରତ ରହିଛନ୍ତି। ଏହି ସୁରକ୍ଷା କର୍ମୀଙ୍କୁ ଏମଏସ କେୟାର ସିକ୍ୟୁରିଟି ଓ ଏଲାଇଟ ସର୍ଭିସ ସଂସ୍ଥା ପକ୍ଷରୁ ନିୟୋଜିତ କରାଯାଇଛି। ତେବେ ସଂପୃକ୍ତ ସଂସ୍ଥା ଏହି ସୁରକ୍ଷା କର୍ମୀଙ୍କୁ ଗତ ୫ ମାସ ହେଲା ଦରମା ଦେଇ ନ ଥିବା ଅଭିଯୋଗ ହୋଇଛି। ବିନା ଦରମାରେ ସୁରକ୍ଷା କର୍ମୀମାନେ କିଭଳି ପରିବାର ପ୍ରତିପୋଷଣ କରୁଥିବେ ତାହା ସହଜରେ ଅନୁମାନ କରାଯାଇପାରେ। କାହିଁକି ଦରମା ଦିଆଯାଇନାହିଁ ସେ ନେଇ ଅନୁସନ୍ଧାନ କରିବା ପରେ ସଂପୃକ୍ତ ସଂସ୍ଥା ନାମରେ ଅନେକ ଅବହେଳା ଅଭିଯୋଗ ସାମ୍ନାକୁ ଆସିଛି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୨ ମାସର ଦରମା ଟଙ୍କାକୁ ଅଟକାଇ ରଖାଯାଇଛି। କେୟାର ସିକ୍ୟୁରିଟି ସଂସ୍ଥା ପକ୍ଷରୁ ସୁରକ୍ଷା କର୍ମୀଙ୍କୁ କୌଣସି ତାଲିମ କିମ୍ବା ଠିକ୍ ଭାବେ ପରିଚାଳନା କରାଯାଉଥିବା ଅଭିଯୋଗ ହୋଇଥିଲା। ସେହିପରି ସୁରକ୍ଷା କର୍ମୀଙ୍କୁ ଚୁକ୍ତି ମୁତାବକ ୟୁନିଫର୍ମ ଓ ଜୋତା ପ୍ରଦାନ କରିନି। ସୁରକ୍ଷା କର୍ମୀମାନେ ବର୍ଷେ ହେଲା ହଲେ ପୋଷାକ ଓ ଚପଲ ପିନ୍ଧି ଡ୍ୟୁଟି କରୁଛନ୍ତି। ସଂସ୍ଥାର ଏହିଭଳି କାର୍ଯ୍ୟକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶ୍ନ ଉଠାଇଛି। ବାରମ୍ବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି; କିନ୍ତୁ ସନ୍ତୋଷଜନକ ଉତ୍ତର ମିଳୁନି ବୋଲି ମେଡିକାଲ ଅଫିସର ଡା. ଶେଖର ପଧାନ କହିଛନ୍ତି। ଚୁକ୍ତି ମୁତାବକ ୪ ମାସ ଦରମା ଟଙ୍କା ନ ଦେଲେ ମଧ୍ୟ ସଂସ୍ଥା ନିଜ କର୍ମଚାରୀଙ୍କ ଦରମା ବନ୍ଦ କରିପାରିବ ନାହିଁ। ଯଦି ସଂସ୍ଥା ଦରମା ଦେଇନାହିଁ ତେବେ ତାହା ମଧ୍ୟ ଏକ ବଡ ଅବହେଳା ବୋଲି ଡାକ୍ତର ଶ୍ରୀ ପଧାନ କହିଛନ୍ତି। ପ୍ରଶାସନ ଓ ସଂସ୍ଥାର ଏହି କାଦୁଅ ଫିଙ୍ଗାଫିଙ୍ଗି ପରିସ୍ଥିତି ଭିତରେ ଦରମା ପାଇଁ ସୁରକ୍ଷାକର୍ମୀମାନେ ଚାହିଁ ରହିଛନ୍ତି।

## ବିଭିନ୍ନ ହୋଟେଲରୁ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ



**ବଲାଙ୍ଗିର,୨୧।୩(ସମିସ):** ଘରୋଇ ଏଲପିଜି ସିଲିଣ୍ଡରର ଅବୈଧ ବ୍ୟବହାରକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଦଳ ବଲାଙ୍ଗିର ସହରର ବିଭିନ୍ନ ସ୍ଥାନରେ ଚଢଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅତିରିକ୍ତ ଯୋଗାଣ ଅଧିକାରୀ ପୁଷ୍ପଲତା ଦାସ, ସହାୟକ ଯୋଗାଣ ଅଧିକାରୀ ଶରତ ଚନ୍ଦ୍ର ରାଉତ, ସହାୟକ ଯୋଗାଣ ଅଧିକାରୀ ପୀତବାସ ମଲ୍ଲିକ, ଦେଓଗାଁ ଯୋଗାଣ ନିରୀକ୍ଷକ ବିଶ୍ୱଜିତ ରାଉତ, ଗୁଡଭେଲା ଯୋଗାଣ ନିରୀକ୍ଷକ ଦିବ୍ୟଶକ୍ତି ବେହେରା, ପୁଇଁନ୍ତଲା ଯୋଗାଣ ନିରୀକ୍ଷକ ତାପସ ତ୍ରିପାଠୀ, ବଲାଙ୍ଗିର ଏମଆଇଆଇ ଜ୍ୟୋତି ପ୍ରକାଶ ଦାସଙ୍କୁ ନେଇ ଗଠିତ ଏହି ଦଳ ଶନିବାର ସକାଳ ୯ଟାରୁ ଯାଞ୍ଚ ଆରମ୍ଭ କରିଥିଲା। ଯାଞ୍ଚ ସମୟରେ ହୋଟେଲ ବ୍ଲୁ ଲାଗୁନରୁ ୫ଟି ଘରୋଇ ଏଲପିଜି ସିଲିଣ୍ଡର (୨ଟି ଅଧା ପୂର୍ଣ୍ଣ ଏବଂ ୩ଟି ଖାଲି) ଜବତ ହୋଇଥିଲା। ସେହିପରି କ୍ଲାସିକ୍ ହୋଟେଲରୁ ୩ଟି ଏଲପିଜି ସିଲିଣ୍ଡର (ଗୋଟିଏ ପୂର୍ଣ୍ଣ, ଗୋଟିଏ ଅଧା ପୂର୍ଣ୍ଣ ଏବଂ ଗୋଟିଏ ଖାଲି) ଜବତ କରାଯାଇଥିଲା। ଜବତ ସିଲିଣ୍ଡରଗୁଡ଼ିକୁ ତଦନ୍ତକାରୀ ଅଧିକାରୀଙ୍କ ନିୟନ୍ତ୍ରଣରେ ରଖାଯାଇଛି। ଘରୋଇ ଏଲପିଜି ସିଲିଣ୍ଡରକୁ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଗଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ଚେତାବନୀ ଦେଇଛି।

## ପାଟଣାରାଜ ଦଣ୍ଡସେନା ସମାଜର ମହାସଭା ସମ୍ମିଳନୀ



**କଣ୍ଟାବାଞ୍ଜି,୨୧।୩(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ୍ କନ୍ଧବାହାଲ ଗାଁରେ ପାଟଣାରାଜ ଦଣ୍ଡସେନା(କଳାର) ସମାଜର ମହାସଭା ସମ୍ମିଳନୀ ଶନିବାରଅନୁଷ୍ଠିତ ହୋଇଯାଇଛି।ଆଜିର ଏହି ସଭାରେ ଓଡିଶା ପ୍ରଦେଶ କାର୍ଯ୍ୟକାରିଣୀ ସମିତି କଳାର ସମାଜ ସଭାପତି ତୀୟରାମ ଦଣ୍ଡସେନା, ସମ୍ପାଦକ ପ୍ରଫୁଲ୍ଲ ଦଣ୍ଡସେନା, ଖୋଳାହାରାଜ ଦଣ୍ଡସେନା କଳାର ସମାଜ ସଭାପତି ହୀରାଲାଲ ଦଣ୍ଡସେନା, ସମ୍ପାଦକ ଗୋକୁଳ ରାମ ଦଣ୍ଡସେନା, ଖଡ଼ିଆଳ ରାଜ ଦଣ୍ଡସେନା ସମାଜର ସଭାପତି ରୋହିତ ଦଣ୍ଡସେନା, ସମ୍ପାଦକ ଶୋଭାରାମ ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳେଶ୍ୱର ଗଙ୍ଗେଶ୍ୱର ନେଓରା, ସଭାପତି ସୁରେଶ ଚନ୍ଦ୍ର ନେଓରା, ଉପସଭାପତି ଯୋଗେଶ୍ୱର ସୁନାନୀ, ସାଧାରଣ ସମ୍ପାଦକ ଖଗେଶ୍ୱର ଦଣ୍ଡସେନା, ସହ ସମ୍ପାଦକ ପ୍ରକାଶ ଦଣ୍ଡ ସେନା, କୋଷାଦକ୍ଷ ରାଜେଶ ନେଓରା, ସରୋଜ ରଞ୍ଜନ ନେଓରା, ମୋହନ ନେଓରା, ଜୟଲାଲ ଦଣ୍ଡସେନା, ବିଶ୍ୱମ୍ବର ଦଣ୍ଡସେନା, ଦିଗମ୍ବର ଦଣ୍ଡସେନା, ଉପଦେଷ୍ଟା ମାୟାରାମ ଦଣ୍ଡସେନା, ଭାଗୀରଥି ସାହାଡ଼, ଲୋକେଶ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

## ଟଙ୍କା ଲୁଟ୍ କରିଥିବା ଅଭିଯୁକ୍ତ ଗିରଫ



**ପାଟଣାଗଡ,୨୧।୩(ସମିସ):** ପାଟଣାଗଡ଼ ଥାନା ପୁଲିସ ଟଙ୍କା ଲୁଟ୍ କରିଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ରାମପୁର କୁମ୍ଭାରପଡାର ମନୋଜ ମେହେର। ଗତ ୧୭ ତାରିଖ ବନକାବିହାର ଗାଁର ଶିବ ଚରଣ ସାହୁ ବାଇକ୍ ଯୋଗେ କୌଣସି କାମରେ ବିଲେଇସାଥ୍ ଗାଁକୁ ଆସିଥିଲେ। ସେଠାରୁ ଘରକୁ ଫେରୁଥିବା ସମୟରେ ଏକ ନିଛାଟିଆ ସ୍ଥାନରେ ଅଭିଯୁକ୍ତ ତାଙ୍କୁ ଅଟକାଇ ତାଙ୍କ ପକେଟରେ ଥିବା ୬ ହଜାର ଟଙ୍କା ଲୁଟ କରି ଫେରାର ମାରିଥିଲା। ଏହି ଘଟଣାକୁ ନେଇ ଶିବ ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ବନପାଳ ସୁଧୀର ଜେନା ସମ୍ବର୍ଦ୍ଧିତ



**ଖପ୍ରାଖୋଲ,୨୧।୩ (ସମିସ):** ହରିଶଙ୍କର ରେଞ୍ଜ ଖପ୍ରାଖୋଲ ବ୍ଲକ୍ ସଦର ସେକ୍ସନର ଯୁବ ବନପାଳ ସୁଧୀର ଜେନା ରାଜ୍ୟସ୍ତରୀୟ ବନ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ଭୁବନେଶ୍ୱର ଅରଣ୍ୟ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ଅନୁଗର୍ଗ ପ୍ରମୁଖଙ୍କ ଉପସ୍ଥିତିରେ ସେ ସମ୍ବର୍ଦ୍ଧିତ ହୋଇଥିଲେ।

## ପାଟଣାଗଡ଼ ସରକାରୀ ଡାକ୍ତରଖାନା

# ସଫେଇ କର୍ମଚାରୀଙ୍କ ଧାରଣା ପ୍ରତ୍ୟାହୃତ

**ପାଟଣାଗଡ଼,୨୧।୩(ସମିସ):** ପାଟଣାଗଡ଼ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ୨୨ ଜଣ ସଫେଇ କର୍ମଚାରୀଙ୍କୁ ୩ ମାସର ପାଉଣା ମିଳିନି। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳିନି। ଶେଷରେ ଗତ ମଙ୍ଗଳବାର ଡିଙ୍ଗର କୁମ୍ଭାରଙ୍କ ନେତୃତ୍ୱରେ ସମସ୍ତ ସଫେଇ କର୍ମଚାରୀ ଉପଜିଲ୍ଲାପାଳଙ୍କ ଅଫିସ

- ୨୨ କର୍ମଚାରୀଙ୍କୁ ୩ ମାସର ପାଉଣା ମିଳିନି
- ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳୁନି



ସମ୍ମୁଖରେ ଗଣ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରିରହିବ ବୋଲି ଚେତାବନୀ ଦେଇଥିଲେ। ପାଟଣାଗଡ଼ ଏସଡିଏମଓ ଧାରଣା ସ୍ଥଳରେ ପହଞ୍ଚି ସଫେଇ କର୍ମଚାରୀଙ୍କ ସବୁ ଦାବି ପୂରଣ କରାଯିବା ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଶ୍ରୀ କୁମ୍ଭାର ଫୋନ ଯୋଗେ କଥା ହୋଇଥିଲେ। ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ମିଳିବା ପରେ ଏହି ଧାରଣା ପ୍ରତ୍ୟାହୃତ ହୋଇଥିଲା। ୭ ବର୍ଷ ଧରି ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଆଉଟସୋର୍ସିଂରେ ଏମାନେ କାମ କରୁଛନ୍ତି। ଅଭିରାମ ନାମକ ଏକ ଏଜେନ୍ସି ଜରିଆରେ ଏମାନେ ନିଯୁକ୍ତି ପାଇଛନ୍ତି। ମାସକୁ ମାତ୍ର ୧୨ ହଜାର ଟଙ୍କାରେ ଏମାନେ କାମ କରୁଛନ୍ତି। ଦରମା ମିଳୁ ନ ଥିବାରୁ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ; ହେଲେ କୌଣସି ସୁଫଳ ମିଳି ନ ଥିଲା। ଏପରିକି ଦାୟିତ୍ୱରେ ସୁପରଭାଇଜର ବ୍ରାଜିନ୍ଦ୍ର ବାଗ ଓ ସ୍ୱରୂପ ବାରିକ ଏମାନଙ୍କୁ ଅପବ୍ୟବହାର କରିଥିଲେ। ଏହାସହ ସଫେଇ ପାଇଁ ବ୍ଲିଚିଂ ପାଉଡ଼ର, ଫିନାଇଲ, ଝାଡୁ ଆଦି ସାମଗ୍ରୀ ଏମାନଙ୍କୁ ଦିଆଯାଉ ନ ଥିବା ଅଭିଯୋଗ ଆଣି ରାକେଶ ଷଣ୍ଢ, ଆକାଶ ସେନ୍ଦରିଆ, ପୂଜା ସେନ୍ଦରିଆ, ଆଶା ସେନ୍ଦରିଆ, ସାରିକା ସେନ୍ଦରିଆ, ସତ୍ୟବତୀ ମଝଖଣ୍ଡିଆ, ଆନନ୍ଦ ସେନ୍ଦରିଆ, ସରୋଜ ଜାଲ, ଅର୍ଚ୍ଚନା ସୁନା, ଟିମା ସୁନା, ପିଙ୍କି ମଲ୍ଲିକ, ପରମସିଂ ଗୁର୍ଲା, ନିରୁପମା କୁମ୍ଭାର, ଅଞ୍ଜଳି ଜାଲ, ରାଜିନ୍ଦ୍ର ଡୁଙ୍ଗୁରି, କୁନୁ ଜାଲ, ଜିତୁ କୁମ୍ଭାର, ରାକେଶ ଦୀପ ପ୍ରମୁଖ ଆନ୍ଦୋଳନକୁ ଓହ୍ଲାଇଥିଲେ।

## ଅଜଣା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ପାଟଣାଗଡ଼,୨୧।୩(ସମିସ):** ପାଟଣାଗଡ଼ ଥାନା ପଦ୍ମପୁର ରାସ୍ତା ଠାକୁର ଢାବା ପଛପଟେ ଥିବା ସୁନାଡୁଙ୍ଗୁରି ନାଳା ନିକଟରୁ ଜଣେ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ପାଟଣାଗଡ଼ ପୁଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଛି। ଜଣେ ବ୍ୟକ୍ତି ଏଠାକୁ ମହୁଲ ଗୋଟାଇବାକୁ ଯାଇଥିଲେ। ଶୌଚ ପାଇଁ ନାଳା ନିକଟକୁ ଯିବା ସମୟରେ ଜଣେ ଯୁବକଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେ ଗାଁ ଲୋକଙ୍କୁ କହିବା ପରେ ଖବର ପାଇ ପାଟଣାଗଡ଼ ପୁଲିସ ପହଞ୍ଚିଥିଲା। କେହି ହତ୍ୟା କରି ଏହି ନାଳରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ଏହି ଘଟଣାକୁ ପୁଲିସ ଗୁରୁତର ଭାବେ ନେଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି।

## ବଲାଙ୍ଗିରରେ ବହୁଭାଷୀ କବିତା ଆସର

**ବଲାଙ୍ଗିର,୨୧।୩(ସମିସ):** ଓଡିଆ ସାହିତ୍ୟ ସେବା ଓ ସୁରକ୍ଷା ଅନୁଷ୍ଠାନ ଆନୁକୂଲ୍ୟରେ ବହୁଭାଷୀ କବିତା ଆସର ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ରଶ୍ମି ପାତ୍ର ସଭାପତିତ୍ୱ କରିଥିଲେ। ବରିଷ୍ଠ ସାହିତ୍ୟିକା ସରସ୍ୱତୀ ନନ୍ଦ ଓ ଡ. ଡୋଲାମଣି ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଦିଲୀପ ପୁରୋହିତ ଯୋଗଦେଇ ଜୀବନରେ କବିତାର ଆବଶ୍ୟକତାର ଆବଶ୍ୟକତା ଉପାରେ ଆଲୋଚନା କରିଥିଲେ। ମମତା ପାତ୍ର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ଚୁମକି ଦାସ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଭବାନୀ ଶଙ୍କର ପଟେଲ, ସୁଷମା ଦାସ, ନିରୁପମା ମିଶ୍ର, ଶକୁନ୍ତଳା ପାତ୍ର, ସରସ୍ୱତୀ ମିଶ୍ର, ମିନାକ୍ଷୀ ପାତ୍ର, ଜାନକୀ ସୁବୁଦ୍ଧି, ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଗଞ୍ଜେଇ କାରବାରରେ ୩ ଗିରଫ



**ବଲାଙ୍ଗିର,୨୧।୩ (ସମିସ):** ବଲାଙ୍ଗିର ଟାଉନ ପୁଲିସ ୫ କେଜି ଗଞ୍ଜେଇ ଜବତ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶର ବଂଶପୁର୍ବା ଗ୍ରାମର ରବି ପାଲ (୨୨), ବୌଦ୍ଧ ଜିଲ୍ଲା ଘଣ୍ଟାପଡା ଗିଧମାଲ ଗ୍ରାମର ଦିବେଶ ସାହୁ (୨୧) ଓ ଦେଓଗାଁ ସାଗରପାଳିର ରମେଶ ରଣା (୩୦)। ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ପୁଲିସ ନୂତନ ବସ୍ ଷ୍ଟାଣ୍ଡ ପଛପଟେ ଥିବା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ ବ୍ରିଜ୍ ନିକଟରେ ଚଢ଼ଉ କରିଥିଲା। ଗଞ୍ଜେଇ ସହ, ୩ଟି ମୋବାଇଲ୍ ଫୋନ୍ ଏବଂ ୨୭ ହଜାର ଟଙ୍କା ମଧ୍ୟ ଜବତ ହୋଇଛି।

## ରାଜ୍ୟସ୍ତରୀୟ କୋଶଲି ନାଟବାଦୀ-ନାଟଯାତ୍ରା ଉଦ୍ଯାପିତ

# ନାଟକ ଜରିଆରେ ସମାଜକୁ ଉଚିତ ମାର୍ଗଦର୍ଶନ କରାଯାଇପାରିବ

ବଲାଙ୍ଗିର,୨୧।୩(ସମିସ)

ସଦାଇପାଲି ରାମଜୀ ଯୁବକ ସଂଘ ତରଫରୁ ପଲ୍ଲିଶ୍ରୀ ବିହାରସ୍ଥିତ ରାଧାକୃଷ୍ଣ ମଣ୍ଡପରେ ବୁଧବାରରୁ ଚାଲିଥିବା ରାଜ୍ୟସ୍ତରୀୟ କୋଶଲି ନାଟବାଦୀ-ନାଟଯାତ୍ରା ଆଜି ଉଦ୍ଯାପିତ ହୋଇଯାଇଛି। ନାଟକ ଜରିଆରେ ସମାଜକୁ ଉଚିତ ମାର୍ଗ ଦର୍ଶନ କରାଯାଇପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଛି।

- ତୁଷାରରଂଜନ ବାରିକ, ଗୋପାଳଚନ୍ଦ୍ର ପଣ୍ଡା, ରାମଚନ୍ଦ୍ର ବିଶ୍ୱାଳ ସମ୍ମାନିତ
- ବରଗଡ ସୌଖିନ କଳାକାର ସଂଘ ପକ୍ଷରୁ 'କାଠର ଚୌକି' ପରିବେଷିତ





ସାମାଜିକ କର୍ମୀ ସୁଲୋଚନା ମିଶ୍ର ମାଁ ସମଲେଇଶ୍ୱରୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ପୂଜାର୍ଚ୍ଚନା କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ଉଗ୍ରେସନ ଷଡଙ୍ଗୀ ଓ ଲୀଳା ନାଟକ କଳାକାର ସ୍ୱର୍ଗତ ପବିତ୍ର ନାଏକଙ୍କ ସ୍ମୃତିରେ ମଞ୍ଚ ସମର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଯୁବ ନେତା ଗୋପାଳଜୀ ପାଣିଗ୍ରାହୀ ଓ ସମ୍ମାନୀତ ଅତିଥି ଭାବେ ଉଦ୍ୟୋଗୀ କିଶୋର ରଥ ଯୋଗ ଦେଇଥିଲେ। ସାଇଟ୍ କଲେଜର ପ୍ରତିଷ୍ଠାତା ତଥା ବିଶିଷ୍ଟ ସମାଜସେବୀ ଡ. ଶ୍ରୀକର ମିଶ୍ର ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିଲେ। ସାଇଟ୍ କଲେଜ ସଂପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନାଟ୍ୟ କଳାକାର ସମ୍ବଲପୁରର ତୁଷାରରଂଜନ ବାରିକ, ବିନିକାର ଗୋପାଳଚନ୍ଦ୍ର ପଣ୍ଡା ଓ ବଲାଙ୍ଗିରର ରାମଚନ୍ଦ୍ର ବିଶ୍ୱାଳଙ୍କୁ ନାଟକ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଶେଷରେ ରାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅଶୋକ ବେହେରାଙ୍କ ନିର୍ଦ୍ଦେଶନାରେ ବରଗଡ ସୌଖିନ କଳାକାର ସଂଘର କଳାକାରମାନେ ନାଟକ 'କାଠର ଚୌକି' ପରିବେଷଣ କରିଥିଲେ। ସାଇଟ୍ କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ସାଇଟ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ତୃପ୍ତିମୟୀ ମିଶ୍ର, ନମିତା ପଟେଲ, ସ୍ନିଗ୍ଧାମିନତି ଦାନୀ, ଲୋପାମୁଦ୍ରା ମିଶ୍ର, ଅନ୍ୱେଷା ସିଂହଦେଓ, ବିଉଟି ମେହର, ହେମନ୍ତୀ ମେହେର, ଆଦ୍ୟାଶା ବେହେରା, ନୀରୁପମା ସତ୍ନାମୀ, ବୃନ୍ଦାବନ ମହାକୁର, ଅଶୋକ ପଧାନ, ପ୍ରଶାନ୍ତ ତ୍ରିପାଠୀ, ସନ୍ତୋଷ ବ୍ରହ୍ମା, ଆଦିତ୍ୟ ପଟ୍ଟନାୟକ, ବୁଲୁ ମିଶ୍ର, ପ୍ରହଲ୍ଲାଦ ଦର୍ଜି, ପ୍ରଫୁଲ୍ଲ ମିଶ୍ର, ପ୍ରେମାନନ୍ଦ ସାଏ, ମିଳି ବାରିକ, ଲୋକନାଥ ସିଂହ ପ୍ରମୁଖ ସହଯୋଗ କରିଥିଲେ।

# ‘ସାରହୁଲ’ରେ ଝୁମିଲେ, ଧରତୀ ମା’ଙ୍କୁ ପୂଜିଲେ

**ରାଉରକେଲା, ୨୧ା୩(ସମିସ)**



ଚୈତ୍ର ମାସ ଶୁକ୍ଳ ପକ୍ଷର ପବିତ୍ର ତୃତୀୟା ଅବସରରେ ଆଦିବାସୀ ସମ୍ପ୍ରଦାୟର ମହାନ୍ ପ୍ରକୃତି ପର୍ବ ସାରହୁଲ ପୂଜା ଉଦିତନଗର ସ୍ଥିତ ସାରନା ପୂଜାସ୍ଥଳରେ ପାଳିତ ହୋଇଯାଇଛି। ଏହି କ୍ରମରେ ଶ୍ରଦ୍ଧାଳୁ ଓ ସାରନା ପ୍ରେମୀ ନିଜ ଗ୍ରାମରୁ ନିର୍ମଳ ଜଳ ସୁସଜ୍ଜିତ ଲୋଟାରେ ମୁଣ୍ଡରେ ଧରି ବିଶ୍ରା ଛକରେ ସମବେତ ହୋଇଥିଲେ। ମୁଖ୍ୟ ପାହାନ ମାଙ୍ଗନାଥ ଖାଲଖୋଙ୍କ ଦ୍ୱାରା ଧରତୀ ମାତାଙ୍କ ଉଦ୍ଦେଶ୍ୟରେ ଜଳ ଓ ଅରୁଆ ଚାଉଳ ଅର୍ପଣ ପୂର୍ବକ କାଁଣସା ପୂଜନ କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ହଜାର ହଜାର ସାରନା ପ୍ରେମୀ ଓ ଶ୍ରଦ୍ଧାଳୁଙ୍କ ମୁଣ୍ଡରେ କଂସା ଲୋଟା ଭର୍ତ୍ତି ଜଳ ଓ ଖାଲି ପାଦରେ ପଶ୍ଚାତ୍ ଗମନ ଅପୂର୍ବ ଶୋଭାବର୍ଦ୍ଧନ କରିଥିଲା। ସେହିପରି ପାନପୋଷ ଛକ ଓ ଲଠିକଟାରୁ ମଧ୍ୟ ଏକକାଳୀନ ସାରହୁଲ ଶୋଭାଯାତ୍ରା ବାହାରି ଉଦିତନଗର ଆମ୍ବେଦକର ଛକ ଠାରେ ୩ଟି ଶୋଭାଯାତ୍ରା ମିଳିତ ହୋଇ ସାରନା ସ୍ଥଳକୁ ପହଞ୍ଚିଥିଲା। ସାରନାର ମୁଖ୍ୟ ପାହାନ ମାଙ୍ଗନାଥ ଖାଲଖୋଙ୍କ ନେତୃତ୍ୱରେ ଜଳ ଅର୍ପଣ ପୂର୍ବକ ପୂଜା ହୋଇଥିଲା। ସମସ୍ତ ଶ୍ରଦ୍ଧାଳୁ ମାନଙ୍କୁ ଶାଳ ଫୁଲ ଖୋସି ଧର୍ମେଶ ଓ ଚାଲା ମାଆଙ୍କର ଆର୍ଶୀବାଦ ପ୍ରଦାନ କରିଥିଲେ। ସାରନା ପ୍ରାର୍ଥନା ସଭାର ଝରିଓ କେର୍କେଟା, ମୀନା ତିର୍କୀ, ହେମନ୍ତୀ ମିଞ୍ଜ, ବିର୍ସୀ ବାଡ଼ା, ଯମୁନା ଟପ୍ପୋ, ବିରାସମନି ମିଞ୍ଜ, ସସ୍ମିତା ବାଡ଼ା, ସଙ୍ଗୀତା ମିଞ୍ଜ, ଅନନ୍ତ ଓରାମ, ମମତା ଲାକଡ଼ା, ଗାଙ୍ଗୀ ଟପ୍ପୋ, ଲିଲାନ୍ତି ଓରାମ, ସୁନିତା ଓରାମ, ସରୋଜ ମିଞ୍ଜ, ରାଧା ଟପ୍ପୋ, ଫାଗୁଆ ଓରାମ, ବୁଡ୍ଡୁ କେରକେଟା, ଜସମାନ ବେକ୍ ସହଯୋଗ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଓରାମ ସଂସ୍କୃତି ପରିଷଦ ଅଧ୍ୟକ୍ଷା ସୁକେଶୀ ଓରାମ, ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ସାନ୍ଥାଳୀ ସମାଜର ଭୋଳାନାଥ ମାଝୀ, ମୁଣ୍ଡାରି ସମାଜର ଭରତ ଚନ୍ଦ୍ର ମୁଣ୍ଡାରି, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାଏକ, ଲହରା ସମାଜର ଅଜୟ ଶର୍ମା, ଆର୍‌ଏସ୍‌ପି ସିଜିଏମ ଏତୁଆ ଓରାମ, ଡିଜିଏମ ତୁଡ଼କା ଭଗତ ଟପ୍ପୋ, ଗୁରୁଦ୍ୱାରା ସିଂ ସଭା ଅଧ୍ୟକ୍ଷ ବଲଦେବ ସିଂହ, ଦେବଗଡ଼ ସାରନା ପ୍ରାର୍ଥନା ସଭା ଅଧ୍ୟକ୍ଷ ଶୀମାନ ମାଙ୍ଗୁ କିସପୋଟା, ଛତିଶଗଡ଼ ରାଜୀ ପାଡ଼ହା ସାରନା ପ୍ରାର୍ଥନା ସଭାର ଶଙ୍କର ଭଗତ, ଝାଡ଼ଖଣ୍ଡ ପ୍ରଦେଶ ଅଧ୍ୟକ୍ଷ ରବି ତିଗ୍ଗା, ଚିକ ବାଡ଼ାଇକ ସମାଜ ଅଧ୍ୟକ୍ଷ ସତ୍ୟନାରାୟଣ ଦାସ ଯୋଗ ଦେଇଥିଲେ। ବିଶ୍ରା ଛକ ଶୋଭାଯାତ୍ରାର ନେତୃତ୍ୱ ରାଜୀ ପାଡ଼ହା ସାରନା ପ୍ରାର୍ଥନା ସଭା ପ୍ରଦେଶ କମିଟର ଅଧ୍ୟକ୍ଷ ଶୀମାନ ମଣିଲାଲ କେରକେଟା ନେଇଥିବା ବେଳେ ବିଲୁ ତିର୍କୀ, ସୁଶୀଲ ଖାଲଖୋ, ସୁଶୀଲ କୁମାର ଲାକ୍ରା, ଦେବା ଓରାମ, ହେମା ଏକ୍କା ସହଯୋଗ କରିଥିଲେ। ସେହିପରି ପାନପୋଷ ଛକ ଶୋଭାଯାତ୍ରାର ନେତୃତ୍ୱ ଧନେଶ୍ୱର ତିର୍କୀ, ବାଇଜୁ ଖାଲଖୋ, ଗଙ୍ଗାଧର ଖାଲଖୋ ନେଇଥିବାବେଳେ ଲାଠିକଟା ଶୋଭାଯାତ୍ରାର ନେତୃତ୍ୱ ଧୁଟୁ ତିଗା ନେଇଥିଲେ। ପାର୍ଥ ଓରାମ କାର୍ଯ୍ୟକ୍ରମ ପରଚାଳନା କରିଥିବାବେଳେ ବିଲୁ ତିର୍କୀ ଧନ୍ୟବାଦ ଦେଇଥିଲେ।

# ଇଦ୍ ଉଲ୍ ଫିତରରେ ସାମୂହିକ ପ୍ରାର୍ଥନା



**ରାଉରକେଲା, ୨୧ା୩(ସମିସ):** ରାଉରକେଲାରେ ଇଦ୍‌ଉଲ୍ ଫିତର ପାଳିତ ହୋଇଯାଇଛି। ଜୋନାଲ ଡିଏସପି ଜିତେନ କୁମାର ସେଠୀ ଏବଂ ଇନ୍ସପେକ୍ଟର ବିଭସ୍ୱ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହତାବ ରୋଡ୍ ସ୍ଥିତ ଇଦଗା ପଡ଼ିଆରେ ସମୂହ ପ୍ରାର୍ଥନା କରାଯାଇଥିଲା। ଅଞ୍ଜୁମାନ ଇସଲାହୁଲ୍ ମୁସଲିମିନ୍ କମିଟି ଦ୍ୱାରା ବ୍ୟବସ୍ଥା ପରିଚାଳନା କରାଯାଇଥିଲା। ମୌଲାନା ଇସ୍ତିଆକ୍ ଅହମ୍ମଦ ପ୍ରାର୍ଥନାର ନେତୃତ୍ୱ ନେଇଥିଲେ ଏବଂ ମୁଫ୍‌ତି ଜାଫର୍ ଇଦ୍‌ର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଧାୟକ ସାରଦା ନାୟକ, ପ୍ରସିଦ୍ଧ ଶିଳ୍ପପତି ଡି.ଆର. ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, କଂଗ୍ରେସ ଜିଲ୍ଲା ସଭାପତି ସବିର ହୁସେନ, ପୂର୍ବତନ ଜିଲ୍ଲା ସଭାପତି ବି.ଏନ୍ . ପଟ୍ଟନାୟକ, ଜ୍ଞାନ ଦାସ ଏବଂ ରବି ଦେହୁରୀଙ୍କ ସମେତ ଅନେକ ପ୍ରମୁଖ ନାଗରିକ ଇଦ୍‌ଗାହରେ ଯୋଗ ଦେଇଥିଲେ। ଅଞ୍ଜୁମାନ କମିଟିର ଅବଦୁସ ସଲାମ, ମହମ୍ମଦ ସାଦଉଲ୍ଲା ଏବଂ ସଜ୍ଜାଦ ବ୍ୟବସ୍ଥାରେ ସାହାଯ୍ୟ କରିଥିବା ଲୋକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଇଦଗାହରେ ସମ୍ମିଳିତ ନମାଜ ପରେ, ନାଲା ରୋଡ୍ ଛୋଟି ମସଜିଦ, ଆନନ୍ଦ ଭବନ ଲେନ୍, ନୁର ମସଜିଦ ଏବଂ ମାଭ ଜାମା ମସଜିଦରେ ମଧ୍ୟ ନମାଜ ପାଠ କରାଯାଇଥିଲା। ବିଲାଲ ମୁନ୍ନା, ଏଜାଜ୍ ଅଖତର, ଆଫରୋଜ ଅହମ୍ମଦ, ମହମ୍ମଦ ଖାଲିଦ, ଏଜାଜ୍ ଅହମ୍ମଦ ଗୁଡ୍ଡୁ, ମହମ୍ମଦ ଶମଶେର, ମହମ୍ମଦ ଆଜଦକ, ଆୟୁବ ଖାନ୍ ଏବଂ ମକସୁଦ ଆଲମଙ୍କ ସମେତ ପ୍ରମୁଖ ଉପସ୍ଥିତ ଥିଲେ।

## ଭ୍ୟାନ୍‌କୁ ଧକ୍କାଦେଲା ହାଇୱା
# ୩ ଆହତ; ଜଣେ ଗୁରୁତର

**ଲହୁଣୀପଡ଼ା, ୨୧ା୩(ସମିସ):** ଲହୁଣୀପଡ଼ା ଥାନା ଅଧୀନ ୧୪୩ ଜାତୀୟ ରାଜପଥର ବାଜପେୟୀ ଛକ ନିକଟରେ ଇକୋଭେନକୁ ପଛରୁ ଏକ ହାଇୱା ଧକ୍କା ଦେବାରୁ ଭେନ୍ ଟି ଓଲଟି ପଡ଼ିଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଶନିବାର ଭୋର୍ ଝାଡ଼ଖଣ୍ଡରୁ ରାଉକେଲା ଦେଇ ପୁରୀ ଯାଉଥିବା ଇକୋଭେନଟି ବାଜେପେୟ ଛକ ନିକଟରେ ହମ୍ପ ନିକଟରେ ବ୍ରେକ୍ ଦେବାରୁ ପଛରୁ ଦୃତଗତିରେ ଆସୁଥିବା ହାଇୱାଟି ଧକ୍କା ଦେଇଥିଲା। ଭେନ ଭିତରେ ବସିଥିବା ୪ ଜଣଙ୍କ ମଧ୍ୟରୁ ୩ ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲହୁଣୀପଡ଼ା ପୁଲିସ ସହାୟତାରେ ଗୁରୁତର ଆହତଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଜଣକୁ ଅଧିକ ଚିକିତ୍ସା ପାଇଁ ରାଉକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ହାଇୱା ଚାଳକ ଫେରାର ହୋଇଯାଇଥିବାବଳେ ପୁଲିସ ଗାଡ଼ି ଦୁଇଟିକୁ ଥାନାକୁ ଆଣିଛି।

# ମ୍ୟୁଜିକ୍ ସର୍କଲ ପକ୍ଷରୁ ବସନ୍ତ ଉତ୍ସବ ଉଦ୍‌ଘାଟିତ




**ରାଉରକେଲା, ୨୧ା୩(ସମିସ):** ରାଉରକେଲାର କଳା-ସଂସ୍କୃତି ଅନୁଷ୍ଠାନ ମ୍ୟୁଜିକ୍ ସର୍କଲ ଆୟୋଜିତ ୪୯ତମ ବସନ୍ତୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହର ପ୍ରଥମ ଦିବସକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ର ସାଂସଦ ଜୁଏଲ ଓରାମ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ଅମୀୟ କୁମାର ରଥ, ଅନ୍ୟତମ ଅତିଥି ଉପଦେଷ୍ଟା ମହେନ୍ଦ୍ର କୁମାର ପଟ୍ଟନାୟକ ଏବଂ ଉପାଧ୍ୟକ୍ଷ ଅଭୟ କୁମାର ଦାସ ମଞ୍ଚାସୀନ ଥିଲେ। ମ୍ୟୁଜିକ୍ ସର୍କଲର କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିବାପରେ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଡ. ରଥ ମ୍ୟୁଜିକ୍ ସର୍କଲର କଳା ସଂସ୍କୃତି ପ୍ରତି ପ୍ରତିବଦ୍ଧତାର ପ୍ରଶଂସା କରିବା ସହ କହିଲେ ଯେ, ସଙ୍ଗୀତ ଓ ନୃତ୍ୟ କେବଳ ଏକ ମନୋରଞ୍ଜନର ମାଧ୍ୟମ ନୁହେଁ ବରଂ ମଣିଷ ଜାତିକୁ ଏକତ୍ର କରିବାର ଏକ ପ୍ରୟାସ। ଅନ୍ୟତମ ଉପଦେଷ୍ଟା ମହେନ୍ଦ୍ର କୁମାର ପଟ୍ଟନାୟକ ମ୍ୟୁଜିକ୍ ସର୍କଲର ଐତିହ୍ୟ ସମ୍ପର୍କରେ କହିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଶାରଦା ପ୍ରସାଦ ନାୟକ ପରିଚାଳନା କରିଥିବାବେଳେ ଉପାଧ୍ୟକ୍ଷ ଅଭୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମ୍ୟୁଜିକ୍ ସର୍କଲ ଦ୍ୱାରା ରାଗମାଳାରେ ତବଲା ବାଦନ, ଓଡ଼ିଶୀ, ବିହୁ ନୃତ୍ୟ ଏବଂ ସାଗରଡ୍ୟାନ୍ସ ରିଦିମ୍ ଗ୍ରୁପ୍ ଦ୍ୱାରା ସିଂହାରୀ ଆଦିବାସୀ ଲୋକ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ସେହିପରି ଉଭୟ ବର୍ଗରେ ୧୫ ଜଣଙ୍କୁ ଝୁରି ପୁରସ୍କାର ସ୍ୱରୂପ ପ୍ରମାଣପତ୍ର ସହ ମେଡାଲ ଦିଆ ଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ସାଂସ୍କୃତିକ ସମ୍ପାଦିକା ସ୍ନେହଲତା ନାୟକ, ମୁଖ୍ୟ ଉପଦେଷ୍ଟା ଡ. ସମର ମୁଦାଲି, ସହ ସାଧାରଣ ସମ୍ପାଦକ ବିବେକାନନ୍ଦ ପଣ୍ଡା, ସହ ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ, ଉପଦେଷ୍ଟା ଲକ୍ଷ୍ମଣ ନାଥ ଦାସ, ବରିଷ୍ଠ ଶିକ୍ଷୟିତ୍ରୀ ଅନିନ୍ଦିତା ମାଇତି, ସୁନୀତା ସିଂହ ଏବଂ କୋଷାଧ୍ୟକ୍ଷ ନିଖିଳେଶ୍ୱର ଦାଶ ପ୍ରମୁଖଙ୍କ ସହ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହାୟତା କରିଥିଲେ।

# ଟ୍ରେନ୍ ଧକ୍କାରେ ଯୁବକ ମୃତ

**ବଣାଇଁ, ୨୧ା୩ (ସମିସ):** ବଣାଇଁ ଉପଖଣ୍ଡ ଚାନ୍ଦିପୋଷ ଥାନା ଅଞ୍ଚଳରେ ଥିବା ଚାନ୍ଦିପୋଷ ରେଲୱେ ଷ୍ଟେସନ ନିକଟରେ ଆଜି ଦୁଃଖଦ ଘଟଣା ଘଟିଛି। ରେଲ୍ ଲାଇନ ପାର କରୁଥିବାବେଳେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ସଞ୍ଜୟ ଓରାମ (୨୬) ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ସଞ୍ଜୟ ରେଳଲାଇନ ପାର ହେଉଥିବା ସମୟରେ ବରସୁଆଁବୀରମିତ୍ରପୁର ରୁଟ୍‌ରେ ଯାଉଥିବା ଟ୍ରେନ୍ ହଠାତ୍ ଆସିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଘଟଣା ସମ୍ବନ୍ଧରେ ଖବର ପାଇ ଚାନ୍ଦିପୋଷ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛନ୍ତି। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସୂଚନା ମିଳିଛି।

# ଭାସ୍କର ପ୍ଲାଣ୍ଟରେ ଦୁର୍ଘଟଣା; ୨ ଶ୍ରମିକ ଗୁରୁତର




**ରାଉରକେଲା, ୨୧ା୩ (ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନ ତୁମକଲା ନିକଟସ୍ଥ ଭାସ୍କରପ୍ଲାଣ୍ଟରେ ଶନିବାର ଏକ ଦୁର୍ଘଟଣାରେ ଦୁଇ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତିକରାଯାଇଛି। ସୂଚନା ଅନୁସାରେ, ଶନିବାର ଅପରାହ୍ଣରେ ପ୍ଲାଣ୍ଟ ଭିତରେ ବେଲ୍ଟ କାମ କରୁଥିବାବେଳେ ବିହାର ରାଜ୍ୟର ରୋତାସ ଜିଲ୍ଲା ସାସାରାମ ଅଞ୍ଚଳର କୁଶଡିରା ଗ୍ରାମର ପରେଶ୍ୱର ନାମକ ଜଣେ ଶ୍ରମିକ ଅସାବଧାନତାବଶତଃ ପାଦ ଖସିଯାଇ ପ୍ରାୟ ୧୫ ଫୁଟ ତଳକୁ ପଡ଼ିଯାଇଥିଲେ। ଏହା ଦେଖି ନିକଟରେ କାମ କରୁଥିବା ଗମଲେଇ ଗ୍ରାମର ଜାଇ ମୁଣ୍ଡା ତାଙ୍କୁ ଉଦ୍ଧାର କରିବା ପାଇଁ ଦୌଡ଼ି ଯାଇଥିବା ବେଳେ ସେ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ବାମ ଜଙ୍ଘରେ ଲୁହା ଛଡ଼ ପଶିଯାଇ ଗୁରୁତର ଆଘାତ ଲାଗିଥିଲା। ଉଭୟ ଆହତଙ୍କୁ ସହକର୍ମୀମାନେ ତୁରନ୍ତ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଯାଇଥିଲେ। ପରେଶ୍ୱରଙ୍କ ବାମ ହାତ ଭାଙ୍ଗିଯାଇଥିବା ସହିତ ମୁହଁ ଓ ଶରୀରର ବିଭିନ୍ନ ଅଂଶରେ ଗୁରୁତର ଆଘାତ ଲାଗିଛି। ଜାଇ ମୁଣ୍ଡାଙ୍କ ଅବସ୍ଥା ମଧ୍ୟ ଗୁରୁତର ବୋଲି ଡାକ୍ତର ସୂଚନା ଦେଇଛନ୍ତି। ଏହି ଘଟଣା ପରେ ପ୍ଲାଣ୍ଟର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଶ୍ରମିକମାନଙ୍କ ପାଇଁ ପ୍ରୟୋଜନୀୟ ସୁରକ୍ଷା ସାମଗ୍ରୀ ଓ ବ୍ୟବସ୍ଥା ନ ଥିବାରୁ ଏପରି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯିବା ସହିତ ଆଗାମୀ ଦିନରେ ସୁରକ୍ଷା ବ୍ୟବସ୍ଥା ଜୋରଦାର କରିବାକୁ ଦାବି ହେଉଛି।

# ଆର୍‌ଏସ୍‌ପି ପକ୍ଷରୁ ଛତୁଚାଷ ତାଲିମ ପ୍ରଦାନ




**ରାଉରକେଲା, ୨୧ା୩(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସିଏସ୍‌ଆର ଅଧୀନସ୍ଥ ଦକ୍ଷତା ବିକାଶ ଏବଂ ଜୀବିକା ନିର୍ବାହ ପଦକ୍ଷେପର ଅଂଶ ସ୍ୱରୂପ, ବିଶ୍ରା ବ୍ଲକର ବିଜାଡିହି, ଜାମସେରା, ଜବାପାନପୋଷ, ଜବାଘାଟ ଏବଂ ଡାଲପୋଷ ଗ୍ରାମର ୨୩ ଜଣ ମହିଳାଙ୍କୁ ଛତୁ ଚାଷ ଉପରେ ତାଲିମ ପ୍ରଦାନ କରାଯାଇଛି। ସିଏସ୍‌ଆର ବିଭାଗ ଦ୍ୱାରା ମାର୍ଚ୍ଚ ୧୬ ରୁ ୧୭ ତାରିଖ ପର୍ଯ୍ୟନ୍ତ ସେକ୍ଟର-୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଏହି ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମାନବସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ଜିଏମ୍ ମନୋଜ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀଙ୍କୁ ଛତୁ ଚାଷ ପାଇଁ ସୈଦ୍ଧାନ୍ତିକ ଜ୍ଞାନ, ବ୍ୟବହାରିକ ପ୍ରଦର୍ଶନ ଏବଂ ତାଲିମ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ନିଜ ଅଞ୍ଚଳରେ ଚାଷ କରିବା ଏବଂ ଅନ୍ୟମାନଙ୍କୁ ଏଥିପାଇଁ ପ୍ରେରଣା ଦେବା ପାଇଁ ସ୍ୱୟଂ ନିର୍ମିତ ଛତୁ ଚାଷ କିଟ୍ ବ୍ୟାଗ୍ ଏବଂ ଛତୁ ବିହନର ଏକ ବୋତଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାର୍ଟିଫାଏଡ୍ ଛତୁ ଚାଷ ପ୍ରଶିକ୍ଷକ କମଳା ଟପ୍ପୋ ଏବଂ ଏନ୍‌ଆଇଟି ରାଉରକେଲାର ପରାମର୍ଶଦାତା ଗୋକୁଳ ମିଞ୍ଜ୍ ମାଷ୍ଟର ଟ୍ରେନର ଭାବେ ଯୋଗ ଦେଇଥିଲେ। ସିଏସ୍‌ଆର ବିଭାଗର ଜିଏମ ଇନଚାର୍ଜ ମୁନମୁନ ମିତ୍ରାଙ୍କ ଉପସ୍ଥିତିରେ ଏହାର ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମିତ୍ରା ଆରଏସପିର ବିଭିନ୍ନ ସିଏସ୍‌ଆର କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ସିଏସ୍‌ଆର ବିଭାଗର ଜିଏମ୍ ବିଭାବସୁ ମଲିକ ସମାବେଶକୁ ସ୍ୱାଗତ କରିଥିଲାବେଳେ ଡିଜିଏମ୍ ପି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର ବି ଏକ୍କା, ସିଏସ୍‌ଆର ଦଳ ସହଯୋଗରେ ସଂଯୋଜନା କରିଥିଲେ।

# ଜଳଖିଆ ଦୋକାନରେ ସିଲିଣ୍ଡର ମାଡ଼; ପ୍ଲେଟ୍ ପିଛା ଦର ବୃଦ୍ଧି

**ରାଉରକେଲା, ୨୧ା୩(ସମିସ):** କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ଯୋଗାଣ ବନ୍ଦ ରହିଛି। ଘରୋଇ ସିଲିଣ୍ଡର ନେବାକୁ ସବୁଠି ଧାଡ଼ି। ବ୍ୟବସାୟୀଙ୍କ ଏବେ ସାହାରା ସାଜିଛି ଘରୋଇ ସିଲିଣ୍ଡର। ଅନ୍ୟପଟେ ବର୍ଷେରୁ ଅଧିକ ସିଲିଣ୍ଡର ଆଣି ନ ଥିଲେ କେୱାଇସି ବାଧ୍ୟତାମୂଳକ ହୋଇଛି। ଏହି ସମସ୍ତ ଜିନିଷର ସିଧା ପାର୍ଶ୍ୱପ୍ରତିକ୍ରିୟା ଦେଖା ଦେଉଛି ହୋଟେଲ ବ୍ୟବସାୟରେ। ଜଳଖିଆ ଆଇଟମ୍‌ରେ ପ୍ରାୟ ୨ରୁ ୫ ଟଙ୍କା ବଢ଼ିଛି। ହୋଟେଲରେ ମେନ୍ୟୁ ଅଧା କମିଥିବାବେଳେ ଆଇଟମ ପିଛା ୧୦ ଟଙ୍କା ବଢ଼ିଛି। ସହରର ଅଧିକାଂଶ ଲୋକଙ୍କ ସକାଳ ଜଳଖିଆ ସିଙ୍ଗଡ଼ା, ବରା, ଆଳୁଚପ, ପୁରୀ, ଉପମାରୁ ଆରମ୍ଭ ହୁଏ। ସମସ୍ତ ଜଳଖିଆ ଦୋକାନରେ ଭିଡ଼ ଜମେ। ପ୍ରାୟତଃ ପୁରି, ଇଡିଲି, ଉପମା, ବରା ଓ ଦୋସାକୁ ସକାଳ ଜଳଖିଆରେ ଖାଇଥାନ୍ତି। ଏବେ ପ୍ରାୟ ହୋଟେଲରେ ପୁରି, ଇଡିଲି ଗୋଟା ୨ ଟଙ୍କା ବଢ଼ିଥିବା ବେଳେ ବରା ୩ ଟଙ୍କା ଓ ଦୋସା ୫ ଟଙ୍କା ବଢ଼ିଛି। ୨୦ ଟଙ୍କାରେ ମିଳୁଥିବା ପୁରି, ଉପମା ପ୍ଲେଟ ଏବେ ୩୦ ଟଙ୍କା ହୋଇଛି। ପ୍ରାୟ ହୋଟେଲରେ ସମସ୍ତ ଖାଦ୍ୟ ପ୍ରସ୍ତୁତ ହେଉନି। ପୂର୍ବରୁ ୧୦୦ ଟଙ୍କାରେ ଜଳଖିଆ ନେଲେ ପରିବାର ପାଇଁ ହେଇ ଯାଉଥିଲା। ଏବେ ତାହା ୧୫୦ ଟଙ୍କା ହୋଇଛି। ପୂର୍ବରୁ ସିଲିଣ୍ଡର ୧୦୦୦ ଟଙ୍କାରେ ମିଳୁଥିବାବେଳେ ବର୍ତ୍ତମାନ ୧୬୦୦ରୁ ୧୮୦୦ ଟଙ୍କାରେ ବିକ୍ରି ହେଉଛି। କିଛି ଦିନରୁ ଏହି ଦରରେ ଚାଲିଛି ସିଲିଣ୍ଡର। ଫଳରେ ଜଳଖିଆ ଦର ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ସେହିପରି କିଛି ବ୍ୟବସାୟୀ ଦର ନବଢ଼ାଇ ଖାଦ୍ୟର ସାଇଜ ଛୋଟ କରିଥିବା ଜଣାପଡ଼ିଛି। କେବଳ ଜଳଖିଆ ଦୋକାନରେ ଏଭଳି ସିଲିଣ୍ଡର ମାଡ଼ ହୋଇନି ବରଂ ଫାଷ୍ଟଫୁଡ୍ ସମେତ ଅନ୍ୟ ଖାଦ୍ୟ ଦୋକାନରେ ସିଲିଣ୍ଡର ମାଡ଼ ପଡ଼ିଛି। ସିଲିଣ୍ଡର ଦର ହ୍ରାସ ପାଇଲେ ଖାଦ୍ୟ ସାମଗ୍ରୀର ଦର ପୂର୍ବ ଅବସ୍ଥାକୁ ଫେରି ଆସିବ ବୋଲି ବ୍ୟବସାୟୀ ମହଲରୁ ପ୍ରକାଶ।

# ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ବଣାଇଁ, ୨୧ା୩ (ସମିସ):** ବଣାଇଗଡ଼ ମହାବିଦ୍ୟାଳୟରେ ଡିଏଚ୍.ଏସ୍.ସି ତରଫରୁ ଯୁକ୍ତତିନି ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜେନାମଣି ସାହୁ ସଭାପତିତ୍ୱ କରି ଛାତ୍ରୀମାନଙ୍କ ପାଇଁ ସୁରକ୍ଷା ତାଲିମର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଲକ୍ଷ୍ମୀ କୁଜୁର ପରିଚାଳନା କରିଥିଲେ। ଆତ୍ମ ସୁରକ୍ଷା ନିମିତ୍ତ ନିଜକୁ କିପରି ସର୍ବପ୍ରଥମେ ଶାରୀରିକ ଓ ମାନସିକ କ୍ଷେତ୍ରରେ ସୁସ୍ଥ ରହିବାକୁ ପଡ଼ିବ ସହିତ ସାମ୍ପ୍ରତିକ ସ୍ଥିତିରେ ଛାତ୍ରୀଙ୍କ ପାଇଁ ଆତ୍ମସୁରକ୍ଷା କିପରି ଅନିବାର୍ଯ୍ୟ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଯାଜ୍ଞସେନୀ ରାୟ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ପ୍ରଜ୍ଞା ପରମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଯୁକ୍ତ ତିନି ଛାତ୍ରୀମାନେ ସହଯୋଗ କରିଥିଲେ।

# ଆଜିଠୁ ଜାତୀୟ ନାଟକ ମହୋତ୍ସବ

**ରାଉରକେଲା, ୨୧ା୩(ସମିସ)**




ରାଉରକେଲା ଇସ୍ପାତ କାରଖାନା ସହଯୋଗରେ ‘ସମ୍ପର୍କ’ ଆନୁକୂଲ୍ୟରେ ମାର୍ଚ୍ଚ ୨୨ ତାରିଖରୁ ରାଉରକେଲା ସିଭିକ୍‌ସେଣ୍ଟର ପରିସରରେ ବିଶ୍ୱ ନାଟକ ଦିବସ ଆୟୋଜିତ ହେବ। ଏନେଇ ଆଜି ସ୍ଥାନୀୟ ସେକ୍ଟର-୫ର କଲ୍‌ଚରାଲ୍ ଏକାଡେମୀର ସଭାଗୃହରେ ସମ୍ପର୍କ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ସୂଚନା ଦିଆଯାଇଛି। ସମ୍ପର୍କର ସଭାପତି ସୁବ୍ରତା ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଭାସ୍କର ଚନ୍ଦ୍ର ମହାପାତ୍ର ଜାତୀୟ ନାଟକ ମହୋତ୍ସବର ସଂକ୍ଷିପ୍ତ ବିବରଣୀ ଦେବାକୁ ଯାଇ କହିଥିଲେ, ମାର୍ଚ୍ଚ ୨୨ ତାରିଖରୁ ୨୭ ମାର୍ଚ୍ଚ ପର୍ଯ୍ୟନ୍ତ ଚଳିତବର୍ଷ ୬ ଦିନ ବ୍ୟାପୀ ବିଶ୍ୱନାଟ୍ୟ ଦିବସ ଅବସରରେ ଜାତୀୟ ନାଟକ ମହୋତ୍ସବ ସିଭିକସେଣ୍ଟର ଠାରେ ଅନୁଷ୍ଠିତ ହେବ। ୨୨ ମାର୍ଚ୍ଚରେ ସମ୍ପର୍କ ରାଉରକେଲାର ନାଟକ ‘ଅସ୍ମିତା’, ୨୩ ମାର୍ଚ୍ଚରେ ଥ୍ରିଏଲାଇଟ୍ କୋଲକାତାର ବଙ୍ଗଳା ନାଟକ ‘ମାୟାପୁରୀ’, ୨୪ ତାରିଖରେ ମିରର ଥିଏଟର ବେଲପାହାଡର ସମ୍ବଲପୁରୀ ନାଟକ ‘ଓଲପି’, ୨୫ ତାରିଖରେ ରୂପାନ୍ତର ବାରିପଦାର ଓଡ଼ିଆ ନାଟକ ‘ଅପଦାର୍ଥ’, ୨୬ ତାରିଖରେ ପଞ୍ଚଧ୍ୱନୀ ଭୁବନେଶ୍ୱରର ଓଡିଆ ନାଟକ ‘ନୂଆ ଦିଗନ୍ତ’, ୨୭ ତାରିଖରେ ପାଥି ଜାମସେଦପୁରର ହିନ୍ଦୀ ନାଟକ ‘ପଞ୍ଛୀ’ ମଞ୍ଚସ୍ଥ ହେବ। ଏହି ନାଟକଗୁଡ଼ିକ ଜାତୀୟସ୍ତରରେ ଦର୍ଶକୀୟ ସ୍ୱୀକୃତି ଲଭ କରିସାରିଛି। ପ୍ରତ୍ୟେକ ନାଟକ ମଞ୍ଚସ୍ଥ ହେବାପରେ ଦର୍ଶକମାନେ ସମ୍ପୃକ୍ତ ନାଟକର କଳାକାରଙ୍କୁ ମଞ୍ଚସ୍ଥ ନାଟକ ସମ୍ବନ୍ଧୀୟ ଉପଯୁକ୍ତ ପ୍ରଶ୍ନ ପଚାରି ପୁରସ୍କୃତ ହେବେ। ଏତତ୍‌ବ୍ୟତୀତ ୨୪ ତାରିଖ ସକାଳ ୮ଟାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପିଲାମାନଙ୍କ ମଧ୍ୟରେ ଏକକ ଅଭିନୟ ପ୍ରତିଯୋଗିତା, ୨୭ ତାରିଖ ସକାଳ ୮ଟାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଫେନସୀ ଡ୍ରେସ୍ ପ୍ରତିଯୋଗିତା ଓ ‘ଶିକ୍ଷାନୁଷ୍ଠାନରେ ମଞ୍ଚ ନାଟକ’ ଆଧାରିତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୭ ମାର୍ଚ୍ଚ ସକାଳ ୮ଟାରେ ବିଶ୍ୱନାଟ୍ୟ ଦିବସ ପାଳିତ ହେବ। ଏହି ଅବସରରେ ଏକ ରଙ୍ଗାରଙ୍ଗ ‘ନାଟ୍ୟ ପଦଯାତ୍ରା’ ‘ଏକତ୍ର’ ରାଉରକେଲାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ପରେପରେ ଏକ ଜାତୀୟ ନାଟ୍ୟ ଆଲୋଚନା ଚକ୍ର ମଧ୍ୟ ଆୟୋଜିତ ହେବ। ୨୭ ତାରିଖ ଅପରାହ୍ନ ୩ଟାରେ ‘ଉପାସନା ଓଡ଼ିଶୀ ନୃତ୍ୟୋତ୍ସବ’ ଆୟୋଜିତ ହେବ। ଏହି ଅବସରରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ‘ନାଟ୍ୟବନ୍ଧୁ’ ସମ୍ମାନରେ ସମ୍ମାନିତ କରାଯିବ। ଏତତ୍ ବ୍ୟତୀତ ପଞ୍ଚାନନ ଦାଶ, ନବୀନ ପରିଡ଼ା, ପରେଶ କୁମାର ସାହୁ, ଆଲୋକ ବୋଷଙ୍କୁ ସମ୍ପର୍କ ସମ୍ମାନ, ମୀରା ଦାସଙ୍କୁ ଉପାସନା ସମ୍ମାନ, ଧୀରେନ୍ ସେନାପତିଙ୍କୁ ଆମ କଳାକାର ସମ୍ମାନ, ନଳିନୀ ନିହାର ନାୟକଙ୍କୁ ‘ଯୁବ ନାଟ୍ୟ ସମ୍ମାନ’ ରେ ଓ ଜଣେ ବରିଷ୍ଠ, ଦୁଇ ଜଣ ଯୁବ ସାମ୍ବାଦିକଙ୍କୁ ଗୌରୀଶଙ୍କର ସମ୍ମାନରେ ସମ୍ମାନିତ କରାଯିବ। ଏହି ସମ୍ମିଳନୀରେ ଏକତ୍ର ରାଉରକେଲାର ସଦସ୍ୟ ୨ଟି ନାଟ୍ୟାନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦାନ କରି ଉତ୍ସବର ସଫଳତା ପାଇଁ ସହଯୋଗର ହାତ ବଢ଼ାଇବେ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA



# ସାନକୁସମ ଗାଁରେ ରାସ୍ତା କଂକ୍ରିଟକରଣ ନେଇ ଅସନ୍ତୋଷ

କନ୍ଧମାଳ,୨୧।୩(ସମିସ):

ସରକାର ବିଭିନ୍ନ ଯୋଜନାରେ ଗାଁର ସମସ୍ୟାର ସମାଧାନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି।

- ୱାର୍ଡମେମ୍ବରଙ୍କ କବ୍‌ଜାରେ ଠିକାଦାର, ଅଧିକାରୀ
- ରାସ୍ତା କଡ଼ରେ ଡ୍ରେନ୍ ନିର୍ମାଣ କରାଯାଇନି
- ବର୍ଷା ପାଣି ଜମି ଲୋକଙ୍କ ଘର ଭାଙ୍ଗିବ
- ଅଭିଯୋଗ ସତ୍ତ୍ୱେ କେହି ଶୁଣୁ ନାହାନ୍ତି

ଲୋକଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ଦେବା ପାଇଁ ଯୋଜନା କରୁଛନ୍ତି। ସରକାରଙ୍କ ଯୋଜନାକୁ ଠିକାଦାର, ସରକାରୀ କର୍ମଚାରୀ ଓ ଗ୍ରାମର ୱାର୍ଡମେମ୍ବର କାର୍ଯ୍ୟକାରୀ କରୁଛନ୍ତି। ଏମାନେ କିନ୍ତୁ ମିଳିମିଶି ମନମୁଖୀ ଚଳାଇଛନ୍ତି। ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ରେଙ୍ଗାଲି ପଞ୍ଚାୟତ ସାନକୁସମ ଗ୍ରାମରେ ଏଭଳି ଘଟଣା ଘଟିଛି। ୪୧ ନମ୍ବର ଜାତୀୟ ରାଜପଥର ସାନକୁସମ ଛକଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଗାଁକୁ ଏକ କଂକ୍ରିଟ ରାସ୍ତା ତିଆରି କରାଯାଇଛି। ରାସ୍ତା କଡ଼ରେରେ କିନ୍ତୁ ଡ୍ରେନ୍ କରାଯାଇନି। ବରଂ ମଝିରେ ମଝିରେ ଜଣେ ଜଣେ ଲୋକଙ୍କ ଘରକୁ ଯିବାକୁ ସୁବିଧା ହେଲା ଭଳି ଢଳେଇ କରି ଦିଆଯାଇଛି। ଏହାଦ୍ୱାରା ବର୍ଷା ହେଲେ ପାଣି ଜମି ରହିବ। ପାଣି ଜମିବା ଦ୍ୱାରା ଲୋକଙ୍କ ମାଟିଝାଟି ଘର ବତୁରି ଭାଙ୍ଗିଯିବ। ଏଣୁ ଲୋକେ ବାରମ୍ବାର ଠିକାଦାର ଓ ସରକାରୀ ଅଧିକାରୀଙ୍କୁ ଏହାର ସମାଧାନ ପାଇଁ ଗୁହାରି କରୁଛନ୍ତି। କେହି କିନ୍ତୁ ଏମାନଙ୍କ କଥା ଶୁଣୁ ନାହାନ୍ତି। ଏ ନେଇ ଠିକାଦାର ଅଶୋକ ମେହେରଙ୍କୁ ପଚାରିବାପରୁ ଡ୍ରେନ କରିବା ନିୟମ ନାହିଁ ବୋଲି ସଫେଇ ଦେଇଛନ୍ତି। ସେହିଭଳି ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଶ୍ୟାମସୁନ୍ଦର ହେବ୍ରାନଙ୍କୁ ପଚାରିବାରୁ ୱାର୍ଡମେମ୍ବର ଶତ୍ରୁଘ୍ନ କଅଁରଙ୍କ ନିର୍ଦ୍ଦେଶରେ କାମ କରାଯାଇଛି ବୋଲି କହିଛନ୍ତି।



# ପୁଣି ଆଉ ଏକ ମାମଲାରେ ଅବକାଶ ସାହୁ ନିର୍ଦ୍ଦୋଷ



ବୌଦ୍ଧ,୨୧।୩(ସମିସ): ବହୁ ଚର୍ଚ୍ଚିତ ହରଭଙ୍ଗା ତହସିଲ ଅଧୀନ ଖରଭୂଇଁ କ୍ରସର ବିରୋଧୀ ଆନ୍ଦୋଳନର ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅବକାଶ ସାହୁଙ୍କୁ ଅଦାଲତ ପୁଣି ଆଉ ଏକ ମାମଲାରେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଗତ ନଭେମ୍ବର ୧୫ ତାରିଖରେ ସେ ଗିରଫ ହୋଇଥିଲେ। ନଭେମ୍ବର ୧୭ରେ ତାଙ୍କ ନାଁରେ ଏକ କ୍ରସର କମ୍ପାନୀର ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଆଜି ଅତିରିକ୍ତ ଜିଲ୍ଲା ଦୌରାଜଜ ବିଚାର କରି ଚୂଡ଼ାନ୍ତ ରାୟ ଶୁଣାଇବା ସହ ଶ୍ରୀ ସାହୁଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଶ୍ରୀ ସାହୁଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ମିଶ୍ର ଏବଂ ଅମ୍ରିତ ପ୍ରଧାନ କେସ୍ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ପୁଲିସ ତାଙ୍କୁ ବିଭିନ୍ନ ମାମଲାରେ ଗିରଫ କରି ଜେଲ୍ ପଠାଇଥିଲା। ରାଜନୈତିକ ଅଭିସନ୍ଧି ରଖି ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ବିରୋଧରେ ଗୋଟିଏ ପରେ ଗୋଟିଏ ମାମଲା ରୁଜୁ କରିଥିଲା। ଏପରିକି ଶ୍ରୀ ସାହୁ ଜେଲ୍‌ରେ ଥିବା ସମୟରେ ତତ୍କାଳୀନ ପ୍ରଶାସନ ଆକ୍ରୋଶ ରଖି ତାଙ୍କ ଅଫିସ ଗୃହ ଭାଙ୍ଗି ଦେଇଥିଲା।

# ପ୍ରତ୍ୟେକ ଶିଶୁ ଗୋଟିଏ ଲେଖାଏଁ କଣ୍ଢେଇ



ବୌଦ୍ଧ,୨୧।୩(ସମିସ): ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କଣ୍ଢେଇ ଦିବସ ପାଳିତ ହୋଇଛି। ଶିକ୍ଷକ ବସନ୍ତ ସାହୁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଶିଶୁମାନେ କଣ୍ଢେଇ ପ୍ରିୟ। ପ୍ରତ୍ୟେକ ଶିଶୁ ଗୋଟିଏ ଲେଖାଏଁ କଣ୍ଢେଇ। ତେଣୁ କଣ୍ଢେଇ ମାଧ୍ୟମରେ ଶିଶୁଙ୍କୁ ଶିକ୍ଷାଦାନ କଲେ ତାହା ଜୀବନ୍ତ ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଖୁଦିରାମ ପ୍ରଧାନ, ସଦସ୍ୟା ପୁଷ୍ପାଞ୍ଜଳି ନାୟକ, ତୃପ୍ତିମୟୀ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଶିଶୁବାଟିକା ପ୍ରମୁଖ ନବୀନ ସାହୁଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟରେ କଣ୍ଢେଇ ପ୍ରଦର୍ଶିତ ହୋଇଥିଲା। ନବୀନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନବମ ମାଳେଶ୍ରୀ ଲୋକ ମହୋତ୍ସବ ଉଦ୍‌ଘାଟିତ



ବୀରମହାରାଜପୁର,୨୧।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ନବମ ମାଳେଶ୍ରୀ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ବୀରମହାରାଜପୁର ଉପଜିଲ୍ଲାପାଳ ତଥା ଲୋକ ମହୋତ୍ସବ କମିଟି ଅଧ୍ୟକ୍ଷ ସୁରେନ୍ଦ୍ର ମେହେର ଏଥିରେ ସଭାପତିତ୍ୱ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜୋଲିନା ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ କଣ୍ଠ ଶିଳ୍ପୀ ଶତ୍ରୁଘ୍ନ ଲୁହା ମାଳେଶ୍ରୀ ବନ୍ଦନା ଗାନ କରିଥିଲେ। ସିଣ୍ଢୋଲ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ, ଝାରସୁଗୁଡାର ରାଇଝାଇଁ, ଟିଟିଲାଗଡର ପାୟଲ କଳାପରିଷଦ, ଉଲୁଣ୍ଡା ରୁମକୁଝୁମା କଳା ପରିଷଦ, ମେଣ୍ଡାମାଲ ଗୁପ୍ତେଶ୍ୱର ଦଣ୍ଡପାଟିର କଳାକାର ନୃତ୍ୟଗୀତ ପରିବେଷଣ କରିଥିଲେ। ଦ୍ୱିତୀକୃଷ୍ଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବୀରମହାରାଜପୁର ତହସିଲଦାର ଶୁଚିସ୍ମିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲୋକ ମହୋତ୍ସବର ସ୍ମରଣିକା ମାଳେଶ୍ରୀ ଉନ୍ମୋଚିତ ହୋଇଥିଲା। ପ୍ରଫୁଲ୍ଲ ରଥ, ଭୂଷଣ ପାତ୍ର, ଅନିରୁଦ୍ଧ କୁରକୁରିଆ, କିଶୋର କୁମାର ହୋତା, ଯୁଗଳ କିଶୋର ମିଶ୍ର, ଲକ୍ଷ୍ମୀନାରାୟଣ ସାହୁ, ପଙ୍କଜ ଖମାରି, ଗିରିଧାରୀ ହୋତା, ଅକ୍ଷୟ ରାଏ, ଶୁଭ୍ରାଂଶୁ ପାଢ଼ୀ, ସଦାଶିବ ଚାନ୍ଦ, ଯୋଗୀନ୍ଦ୍ର ପଣ୍ଡା, ହୃଷୀକେଶ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ମାଛ ଚାଷ ଉପରେ ତାଲିମ ନେଲେ ମହିଳା

ବୌଦ୍ଧ,୨୧।୩(ସମିସ): ବୌଦ୍ଧ ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟ ପ୍ରଶିକ୍ଷଣ ଗୃହରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ତରଫରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ବୌଦ୍ଧ ବ୍ଲକ୍‌ସ୍ତରୀୟ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ହୋଇଥିଲା। ବୌଦ୍ଧ ବ୍ଲକ୍‌ର ୧୫ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୩୦ ଜଣ ସଦସ୍ୟା ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶ୍ରୀ ଦ୍ରୌପଦୀ ମାଝୀ ଅଧ୍ୟକ୍ଷତା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ସେ ହିତାଧିକାରୀଙ୍କୁ ଅବଗତ କରାଇଥିଲେ। ବୌଦ୍ଧ ବ୍ଲକ୍‌ର ସହକାରୀ ମତ୍ସ୍ୟ ଅଧିକାରୀ ବିଶ୍ୱ ଭୂଷଣ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଲିଲିପ୍ତା ଦାସ ଯୋଗଦେଇ ମାଛ ଚାଷ ପ୍ରଣାଳୀ, ପୋଖରୀ ପରିଚାଳନା, ରୋଗ ନିରାକରଣ ଉପରେ କହିଥିଲେ। ପ୍ରଶିକ୍ଷଣର ଦ୍ୱିତୀୟ ଦିବସରେ ତେଲିବନ୍ଧ ପଞ୍ଚାୟତ କମକପୁରସ୍ଥିତ ତ୍ରିପାଠୀ ମାଛ ଜାଆଁଳା କେନ୍ଦ୍ରକୁ ସମସ୍ତେ ପରିଦର୍ଶନ କରାଯାଇଥିଲା। ବିଶ୍ୱମ୍ବର ପ୍ରଧାନ, ରୋଜାଲିନ ସାହୁ, ଯମୁନା ମଣି ପାତ୍ର, ସୁଶ୍ରୀ ମଧୁସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଚିନ୍ମୟୀ ଶୁଭସ୍ମିତା ସଭା ପରିଚାଳନା କରିଥିଲେ। ସୁଶ୍ରୀ ମଧୁସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ପଖାଳ ଦିବସ ପାଳିତ



ବୀରମହାରାଜପୁର,୨୧।୩(ସମିସ): ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ପଖାଳ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସାଧାରଣ ସଭାରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଥିଲେ। ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ଦୟାନିଧି ହୋତା ଏଥିରେ ସଭାପତିତ୍ୱ କରିଥିଲେ। ସତ୍ୟନାରାୟଣ ନାୟକ, ଡ. ପ୍ରଫୁଲ୍ଲ ରଥ, ଭଗବାନ ମିଶ୍ର, କୃଷ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# କପିଳ ଭୋଇଙ୍କ ସ୍ମୃତିସଭା



ଡୁଙ୍ଗୁରିପାଲି,୨୧।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘ ଡୁଙ୍ଗୁରିପାଲି ପକ୍ଷରୁ ସ୍ଥାନୀୟ ଆରଏମ୍‌ସିଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘ ସମ୍ପାଦକ ମୁକେଶ ଭୋଇଙ୍କ ବାପା କପିଳ ଭୋଇଙ୍କ ବିୟୋଗରେ ଏହି ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସଭାପତି ପଦ୍ମବାଘ ଯାଦବ ସଭାପତିତ୍ୱ କରିଥିଲେ। ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ପାଣ୍ଡିଆ, ଚଉବର୍ଗ ଭୋଇ, ବନମାଳୀ ପୋଢ଼, ମହାଦେବ ଗଡତିଆ, ପ୍ରକାଶ ହାତୀ, ବାମଦେବ ମିଶ୍ର, କୃଷ୍ଣଚନ୍ଦ୍ର ବାଗ, ରବିନ୍ଦ୍ର ତ୍ରିପାଠୀ, ସୁଦାମ ସାହୁ ଏବଂ ସଂଘର ଉପଦେଷ୍ଟା ଯଦୁମଣି କୁଦେଇ ପ୍ରମୁଖ ଏହି ସ୍ମୃତିସଭାରେ ଯୋଗଦେଇ।

# ରାମପୁର, ବିରିଗଡ଼ରେ ନାମଯଜ୍ଞ

ବୌଦ୍ଧ,୨୧।୩(ସମିସ): ବୌଦ୍ଧ ଜିଲ୍ଲା ତେଲିବନ୍ଧ ପଞ୍ଚାୟତ ରାମପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ବସୁଦେବ ନାଏକ ଓ ତାଙ୍କ ପତ୍ନୀ ବିନୋଦିନି ନାଏକ ଦାୟିତ୍ୱ ତୁଲାଇଥିଲେ। ସୁରେଶ ହୋତା ପୂଜା କାର୍ଯ୍ୟ କରିଥିଲେ। ଆଖ ପାଖ ଅଞ୍ଚଳରୁ ୩୨ଟି ସଙ୍କୀର୍ତ୍ତନ ମଣ୍ଡଳୀ ଏଥିରେ ଯୋଗ ଦେଇଥିଲେ। ରାମପୁର ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ସେହିଭଳି ବୌଦ୍ଧ ବ୍ଲକ୍ ଟିକରପଡା ପଞ୍ଚାୟତ ବିରିଗଡ ଦଳିତ ସାହିରେ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ର ଅନୁଷ୍ଠିତ ହୋଇଯାଇଛି। ଆଜି ପୁରୁଷ ଓ ମହିଳାମାନେ ସାଲୁଙ୍କି ନଦୀର ସତୀଘାଟ ନିକଟକୁ ଯାଇ ଗଙ୍ଗାମାତାଙ୍କ ଆବହନ କରି ପୂଜାର୍ଚ୍ଚନା କରିଥିଲେ। ଏହାପରେ ସମସ୍ତେ କଳସରେ ଜଳ ଭର୍ତ୍ତି କରି ଶୋଭାଯାତ୍ରାରେ ଫେରିଥିଲେ। ଯଜ୍ଞ ମଣ୍ଡପ ସ୍ଥଳରେ ସ୍ଥାପନ କରାଯାଇଥିଲା। କେଦାର ରଣବିଡ଼ା କର୍ତ୍ତା ଥିଲେ।

**କନ୍ଧମାଳ:** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ଲମ୍ବସରୀ ଗ୍ରାମରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ମେହେରୁଣୀ ନଦୀରୁ ପାଣି ଉଠିଥିଲା। ଅଶୋକ ଖମାରୀ ଓ ତାଙ୍କ ପତ୍ନୀ ସବିତା ଖମାରୀ କର୍ତ୍ତା ଥିଲେ। ହୃଷିକେଶ ସାମନ୍ତରା ଓ ଜୟଚନ୍ଦ୍ର ସାମନ୍ତରା ପୂଜା କାର୍ଯ୍ୟ ତୁଲାଇଥିଲେ। ଲମ୍ବସରୀ, ବଡଝାରମୁଣ୍ଡା, ପିଣ୍ଡାପଦର, ବଳମତୁମ୍ବା, ରେକଡୋଲ, ତଳଡେଙ୍ଗାରାମ, ଗଡ଼ଫେସପେରଡ଼ି, ଡୁଙ୍ଗୁରିପାଲି, ଗଡ଼ଗଦି, କୁଳିଆପାଲି, ସେମିଲିକଟା, ବୁଢ଼ାଖୋଲ, ବରଗାଁ, ସୁଲିଆ ହାତୀପାଲି, ଗୋପାଳପୁର, ଧାନବସାରୁ ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗ ଦେଇଥିଲେ।

# ମାଉଲିମୁଣ୍ଡା ସେବା କେନ୍ଦ୍ରରେ ଆଧ୍ୟାତ୍ମିକ ସଭା

ବୌଦ୍ଧ,୨୧।୩(ସମିସ): ବୌଦ୍ଧ ବ୍ଲକ୍ ମାଉଲିମୁଣ୍ଡାରେ ବାଉଁଶୁଣୀ ବ୍ରହ୍ମାକୁମାରୀ କେନ୍ଦ୍ର ପକ୍ଷରୁ ଏକ ଆଧ୍ୟାତ୍ମିକ ସଭା ଆୟୋଜିତ ହୋଇଯାଇଛି। ସକରାତ୍ମକ ଚିନ୍ତନ ଦ୍ୱାରା ସୁଖ ଶାନ୍ତିମୟ ଜୀବନ ସମ୍ପର୍କିତ ଏକ ଆଲୋଚନା ହୋଇଥିଲା। କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ପିଙ୍କି ଭଉଣୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପ ସଞ୍ଚାଳିକା ରାଜ ଯୋଗିନୀ ବିକେ ପାର୍ବତୀ ଦିଦି ଜୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବିଭିନ୍ନ କେନ୍ଦ୍ରରୁ ଆସିଥିବା ବ୍ରହ୍ମାକୁମାରୀ ଭଉଣୀମାନେ ମଞ୍ଚାସୀନ ଥିଲେ। ସକରାତ୍ମକ ଚିନ୍ତା ଧାରା ଦ୍ୱାରା ସୁଖ ଶାନ୍ତିମୟ ଜୀବନ ଅତିବାହିତ କରି ହେବ ବୋଲି ବକ୍ତାମାନେ ନିଜ ବକ୍ତବ୍ୟରେ ଉଦାହରଣ ମାଧ୍ୟମରେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବାଉଁଶୁଣୀ ଦମକଳ କେନ୍ଦ୍ରଠାରୁ ଏକ ଶୋଭାଯାତ୍ରା ବାହାରିଥିଲା। ବାଉଁଶୁଣୀ ଛକ ଓ ବଜାର ଦେଇ ଶୋଭାଯାତ୍ରୀ ଦଳ ମାଉଲୀ ମୁଣ୍ଡା ସେବା କେନ୍ଦ୍ରରେ ପହଞ୍ଚି ଥିଲେ।

# ଜାତୀୟ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ାରେ ରୌପ୍ୟ ପଦକ





ବୀରମହାରାଜପୁର,୨୧।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରର ଯୁବ କ୍ରୀଡାବିତ ଅନ୍ୱେଷ ହୋତାଙ୍କୁ ଜାତୀୟ ବିଶ୍ୱ ବିଦ୍ୟାଳୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ରୌପ୍ୟ ପଦକ ମିଳିଛି। ୧୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପଞ୍ଜାବ ଜଳନ୍ଧରସ୍ଥିତ ଡିଏଭି ବିଶ୍ୱବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏବେ ସେ ସମ୍ବଲପୁର ଜିଲ୍ଲା ଧମା ଝାଡେଶ୍ୱରୀ ମହାବିଦ୍ୟାଳୟରେ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ର। ତେବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ମ୍ୟାନେଜର ତଥା ବରିଷ୍ଠ କ୍ରୀଡା ଶିକ୍ଷକ ରାମକୁମାର ସାହୁ ଏବଂ କୋଚ୍ ଏହେସାସ ହୋତାଙ୍କ ନେତୃତ୍ୱରେ ୬ ଜଣିଆ ଟିମ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅନ୍ୱେଷଙ୍କ ଏହି ସଫଳତା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୂଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର, ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ବିଶ୍ୱବିଦ୍ୟାଳୟ ସ୍ପୋର୍ଟ କଉନସିଲ ମୁଖ୍ୟ ଦେବେନ୍ଦ୍ର ମହାଲିକ, ପିଇଓ ଡ. ଅବିନାଶ କର, ଝାଡେଶ୍ୱରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିଲ ପଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଂଜନ ମିଶ୍ର, ରାଜ୍ୟ ତାଏକ୍ୱୋଣ୍ଡୋ ସଂଘ ସଂପାଦକ ମନମୋହନ ଭଂଜ, ବୀରମହାରାଜପୁର ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା, ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘର ଆଇନ ପରାମର୍ଶଦାତା ଶେଷଦେବ ବାରିକ ପ୍ରମୁଖ ଅନ୍ୱେଷଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ବୌଦ୍ଧ,୨୧।୩(ସମିସ): ବୌଦ୍ଧ ସହରର ଜଗଦୀଶପୁର ବାଇପାସ ଛକ ନିକଟରେ ଏକ କାର ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ବୌଦ୍ଧ ଥାନା ବୀରନରସିଂହପୁର ପଞ୍ଚାୟତ ନୂଆପଡ଼ା ଗ୍ରାମର ହୃଦୟ ନାଏକ ଓ ଶ୍ରୀଧର କହଁର ଏକ ବାଇକ୍ ଯୋଗେ ବଘିଆପଡାରୁ ନିଜ ଗାଁକୁ ଫେରୁଥିଲେ। ଏହି ସମୟରେ ମହାନଦୀ ବ୍ରିଜ ପଟୁ ଆସୁଥିବା ଏକ କାର୍ ଜଗଦୀଶପୁର ବାଇପାସ ଛକ ନିକଟରେ ବାଇକକୁ ଧକ୍କା ଦେଇ ପଳାଇଥିଲା। ଏହାଫଳରେ ବାଇକ୍ ପଛରେ ବସିଥିବା ଶ୍ରୀଧର ଗୁରୁତର ଆହତ ହୋଇଥିଲେ। ବାଇକ୍ ଚାଳକ ହୃଦୟ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ

# ଜିଲ୍ଲାସ୍ତରୀୟ ସରଭାଇଭର ନେଟୱର୍କ ବୈଠକ




ହରଭଙ୍ଗା,୨୧।୩(ସମିସ): ବିଶ୍ୱ ଯୁବ କେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଶିଶୁ ଯୌନ ନିର୍ଯାତନା ଓ ଅପହରଣ, ବାଲ୍ୟ ବିବାହ ଓ ଶିଶୁ ଚାଲାଣରେ ପୀଡିତ ଓ ସେମାନଙ୍କ ଅଭିଭାବକଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ସନ୍ତୋଷିନୀ ଭୋଇ, ୱାନ ଷ୍ଟପ ସେଣ୍ଟରର ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ସୁନଜା ପ୍ରଧାନ, ହରଭଙ୍ଗା ସେକ୍ଟର ସୁପରଭାଇଜର ଜସ୍ମିନ ଦିଗଲ, ଶକ୍ତି ସଦନର ସେଣ୍ଟର ପରିଚାଳିକା ସବିତା ହୋତା ଏବଂ ରାଧାକୃଷ୍ଣ ଆଶ୍ରମର ସମ୍ପାଦକ ନବୀନ ଚନ୍ଦ୍ର ବଘାଲ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର ଯୋଗଦେଇ ବୌଦ୍ଧ ଜିଲ୍ଲାରେ ଶିଶୁ ବିବାହ, ଶିଶୁ ଚାଲାଣ ଓ ଯୌନ ନିର୍ଯାତନା ପାଇଁ ସଂଯୋଜିତ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପ୍ରକଳ୍ପ ସଂଯୋଜକ ଅମୂଲ୍ୟ ପାଇଟାଳ ସଭା ପରିଚାଳନା କରିଥିଲେ। ପ୍ରକଳ୍ପ ସହାୟକ ଶ୍ୱେତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ମିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକଳ୍ପ ସହାୟକ ବନିତା ମନ୍ତ୍ରୀ, ପୁନିଆ ସାହୁ ସହଯୋଗ କରିଥିଲେ।

# ଦଣ୍ଡନୃତ୍ୟ ପାଇଁ ପ୍ରସ୍ତୁତ ହେଲେଣି ଦଣ୍ଡୁଆ

ବୌଦ୍ଧ,୨୧।୩ (ସମିସ): କଥାରେ ଅଛି ଓଡ଼ିଆ ଜାତିର ବାର ମାସରେ ତେର ପର୍ବ। ସେଇ ତେର ପର୍ବ ଭିତରୁ ଦଣ୍ଡ ନୃତ୍ୟ ଅନ୍ୟତମ। ଚୈତ୍ର ମାସରେ ଶିବଙ୍କ ଗାଁ ଗାଁ ଭ୍ରମଣ ସହ ଦଣ୍ଡ ନୃତ୍ୟରେ ଗାଁ ଦାଣ୍ଡ ଭକ୍ତିମୟ ପରିବେଶରେ ଉଛୁଳି ଥାଏ। ଚୈତ୍ର ମାସ ଚାଲିଛି। ଆଉ କିଛି ଦିନ ଗଲେ ଶିବ

- ଶୁଭିବ ମଣିଡାକ
- ଉଛୁଳିବ ଗାଁ ଦାଣ୍ଡ

ପାର୍ବତୀଙ୍କ ଦଣ୍ଡ ନୃତ୍ୟ ଆରମ୍ଭ ହୋଇଯିବ। ଏହି ମାସରେ ପ୍ରଭୁ ଶ୍ରୀରାମଙ୍କ ନବମୀ ପୂଜା ଅର୍ଚ୍ଚନା ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ବେଳେ ଠିକ ଅପରପାଶ୍ୱର୍ରେ ପ୍ରଭୁ ଶିବଙ୍କ ଦଣ୍ଡ ଯାତ୍ରା ବା ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ମାସରେ ବିଭିନ୍ନ ଗ୍ରାମରେ ଥିବା ଦଣ୍ଡ ଯାତ୍ରା ପରମ୍ପରାକୁ ବଜାୟ ରଖିବା ପାଇଁ ଶିବ, ପାର୍ବତୀଙ୍କୁ ସାଙ୍ଗ ନେଇ ମାନସିକଧାରୀ ଭକ୍ତମାନେ ଛତି ଛତ୍ର, ବାନା, ବୈରଖ, ଚାଉଁର, ଘଣ୍ଟ, ମହୁରୀ, ଢୋଲ, ନିଷାଣ ବାଦ୍ୟ ଦ୍ୱାରା ଶିବ କାଳୀଙ୍କୁ ଗାଁ ଗାଁ ବୁଲାଇ ଥାନ୍ତି। ବିଭିନ୍ନ ସ୍ଥାନରେ ଶିବଭକ୍ତମୟ ପରିବେଶ ସୃଷ୍ଟି ହୋଇଥାଏ। ଦଣ୍ଡ ଯାତ୍ରା ଦ୍ୱାରା ଗାଁ ଦାଣ୍ଡ ଉଛୁଳିବ। ଶିବକାଳୀଙ୍କୁ ମଣି ଡାକରେ ପରିବେଶ ପ୍ରକମ୍ପିତ ହେବ। ବୌଦ୍ଧ ବ୍ଲକର ବିଭିନ୍ନ ଶୈବ ପୀଠରୁ ଚୈତ୍ର ଦଣ୍ଡ ଉଠିଥାଏ। ଦଣ୍ଡୁଆଙ୍କ କହିବା ଅନୁଯାୟୀ ତେର ଭୁକ୍ତା ବା ଦଣ୍ଡୁଆଙ୍କ ମେଳରେ ରୀତି ନୀତି ଅନୁସାରେ ଦକ୍ଷିଣକାଳୀ ଓ ରୁଦ୍ରକାଳୀଙ୍କୁ ପୂଜାର୍ଚ୍ଚନା କରାଯାଇ ନିଶାର୍ଦ୍ଧ ରାତିରେ ଦଣ୍ଡ ଉଠିଥାଏ। ଦଣ୍ଡ ଉଠିବାର ପର ଦିନ ଗ୍ରାମ ପରିକ୍ରମା କରିବା ସହ ବନ୍ଦାଣ ଘେନି ହୋଇଥାଏ। ଦଣ୍ଡୁଆମାନେ ମାସ ସାରା ନିଷ୍ଠାର ସହ ବ୍ରତ କରି କାଳୀଙ୍କୁ ପୂଜାକରି କଠିନ ସାଧନା କରିଥାନ୍ତି। ବିଷୁବ ସଂକ୍ରାନ୍ତି ଦିନ ବ୍ରତ ଭଙ୍ଗ କରିଥାନ୍ତି। ଯାତ୍ରା ସମୟରେ ତେର ଭୁକ୍ତାଙ୍କୁ କଠୋର ନିୟମ ମାନି ଚଳିବାକୁ ହୁଏ। ସେମାନେ ଧୂଳି ଦଣ୍ଡ, ପାଣି ଦଣ୍ଡ ଆଦି କରିଥାନ୍ତି। ଏଭଳି ସାଧନା ଓ ଆରାଧନାରେ ଦେବୀ ତୁଷ୍ଟ ହୋଇ ଭୁକ୍ତା ଓ ମାନସିକଧାରୀଙ୍କ ମନସ୍କାମନା ପୂରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଚଳିତ ବର୍ଷ ଜିଲ୍ଲାର ଚାରିଶମ୍ଭୁ, ଚଣ୍ଡିତଳ, ଚଣ୍ଡୀଗଡ଼, କମ୍ପରା, ଦାମୋଦରପୁର, ବଡ଼ିଗାଁ, ପଳାଶ, ଗମ୍ଭାରୀପଦର, ଗିରାସୀଙ୍ଗା, ମାନେଶ୍ୱର, କୃଷ୍ଣପାଲି, ବଘିଆପଡା, ଖଲିଆପାଲି ଆଦି ଗ୍ରାମରେ ଚୈତ୍ର ଦଣ୍ଡ ଯାତ୍ରା ହେଉଛି। ଏହି ଯାତ୍ରା ହେବା ପୂର୍ବରୁ ବର୍ତ୍ତମାନ ଦଣ୍ଡନୃତ୍ୟକାରୀଙ୍କୁ ନେଇ ବିଭିନ୍ନ ସ୍ଥାନରେ ବିଭିନ୍ନ ଶୁଆଙ୍ଗକୁ ନେଇ ପୂର୍ବ ପ୍ରସ୍ତୁତି ଅଭ୍ୟାସ ଜାରି ରହିଛି।

## ସୀମା ସରାପ ନିଖୋଜ ଘଟଣା

# ୨ ମାସ ପରେ ମଧ୍ୟ ପୁଲିସ ସୁରାକ ପାଉନି

ତରଭା,୨୧।୩(ସମିସ):



ତରଭା ସୁନାରୀପଡାର ଜଗଦୀଶ ସରାପ ଓ ଆହ୍ଲାଦିନି ସରାପଙ୍କ ଝିଅ ସୀମା ସରାପ(୨୫) ନିଖୋଜ ହେବା ୨ଲ ମାସ ହୋଇଗଲା। ଏ ପର୍ଯ୍ୟନ୍ତ କିନ୍ତୁ ପୁଲିସ ତାଙ୍କ ସୁରାକ ପାଉନି। ଜାନୁଆରୀ ୧୮ ତାରିଖ ସନ୍ଧ୍ୟାରେ ଗର୍ଜା ନିକଟ ବିଜୁ ପଟ୍ଟନାୟକ ପାର୍କକୁ ଯାଉଛି କହି ସେ ଘରୁ ବାହାରିଥିଲେ। ରାତି ୯ଟା ସୁଦ୍ଧା ନ ଫେରିବାରୁ ପରିବାର ଲୋକେ ସବୁଆଡେ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରଦିନ ପରିବାର ତରଫରୁ ତରଭା ଥାନାରେ ଏ ନେଇ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ମଧ୍ୟ ରୁଜୁ କରିଛି। ଏଏସ୍‌ଆଇ ନିରୂପମା ସ୍ୱାଇଁ ତଦନ୍ତ ଦାୟିତ୍ୱ ନେଇଥିଲେ। ଏ ପର୍ଯ୍ୟନ୍ତ କିନ୍ତୁ ସୀମାଙ୍କ ସମ୍ବନ୍ଧରେ ପୁଲିସ ନିକଟରେ କୌଣସି ସୂଚନା ନାହିଁ। ଅନ୍ୟପଟେ ନିଖୋଜ ସୀମାଙ୍କ ବାପା, ମା’ ଆଶା, ଆଶଙ୍କା ଭିତରେ ରହିଛନ୍ତି। ଝିଅକୁ ଖୋଜି ଆଣିବା ପାଇଁ ଉଭୟ ଆକୁଳ ନିବେଦନ କରିଛନ୍ତି। ତେବେ ଏ ସମ୍ବନ୍ଧରେ ତଦନ୍ତକାରୀ ଅଧିକାରୀ ଶ୍ରୀମତୀ ସ୍ୱାଇଁଙ୍କୁ ପଚାରିବାରୁ ପୁଲିସ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା କହିଛନ୍ତି। ସୀମାଙ୍କ ଫୋନ୍ ସୁଇଚ୍ ଅଫ ରହିଛି। ନିକଟସ୍ଥ ଥାନାକୁ ସୀମାଙ୍କ ନିଖୋଜ ସମ୍ବନ୍ଧରେ ଖବର ଦିଆଯାଇଛି। ସ୍ଥାନୀୟସ୍ତରରେ ତଦନ୍ତ ଚାଲିଛି। ସୀମା ଧରିଥିବା ମୋବାଇଲ ଟ୍ରାକିଂ ପାଇଁ ସିଡିଆର ମଗାଯାଇଛି ବୋଲି ସେ କହିଛନ୍ତି।

## ଗାଧୋଇବା ବେଳେ ବୁଡ଼ିଗଲେ ଯୁବକ

**କଲମପୁର, ୨୧।୩(ସମିସ):** ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲକୁ ଗାଧୋଇବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। କଲମପୁର ଥାନା ପାତ୍ରବସା ଗ୍ରାମର ପଦ୍ମଲୋଚନ ନାଏକଙ୍କ ପୁଅ ପିଙ୍କୁ(୩୫) ଓରଫ ଝସକେତନ ନାଏକ ଶନିବାର ସକାଳରୁ ନିଜ ଭାଇସହିତ ପାତ୍ରବସା ଶିବମନ୍ଦିର ନିକଟସ୍ଥ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲକୁ ଗାଧୋଇବାକୁ ଯାଇଥିଲେ। ପିଙ୍କୁଙ୍କ ଭାଇ କେନାଲର ବିପରିତ ପାର୍ଶ୍ୱରେ ଶୌଚ ହେବାକୁ ଯାଇଥିବା ବେଳେ ପିଙ୍କୁ କେନାଲରେ ବୁଡି ଯାଇଥିଲେ। ଖବର ପାଇ କଲମପୁର ପୁଲିସ ଓ ଦମକଳବାହିନୀ ପହଞ୍ଚି ଖୋଜାଖୋଜି କରି ପାଣି ଭିତରୁ ମୃତଦେହ ଉଦ୍ଧାର କରାଯାଇ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା, ଡାକ୍ତର ମୃତ ଘୋଷଣା କରିବା ପରେ ବ୍ୟବଚ୍ଛେଦ ପାଇଁ ଜୟପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା, ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଥାନା ଏଏସ୍‌ଆଇ ଶିବ ଶଙ୍କର ମହାନ୍ତି ଅପମୃତ୍ୟୁ ମାମଲା ପଞ୍ଜିକୃତ କରି ଘଟଣାର ଅନୁଧ୍ୟାନ କରିଛନ୍ତି।

## କେଜିବିଭିରେ ନାମଲେଖା ପାଇଁ ବୁଲିଲା ପ୍ରଚାର ରଥ

**ନୂଆପଡ଼ା, ୨୧।୩(ସମିସ):** ନୂଆପଡ଼ାର ଅଗ୍ରଣୀ ବିଦ୍ୟାଳୟ ସରକାରୀ କସ୍ତୁରବାଗାନ୍ଧୀ ବାଳିକା ବିଦ୍ୟାଳୟ ପାଇଁ ନାମଲେଖା ସକାଶେ ପ୍ରଚାର ରଥ ବାହାରିଛି।ସ୍ଥାନୀୟ ବିଦ୍ୟାଳୟ ପରିସରରେ ଆନୁଷ୍ଠାନିକ ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦମୟନ୍ତୀ ରାଉତ ପୂଜାର୍ଚ୍ଚନା ପରେ ପ୍ରଚାର ରଥକୁ ଶୁଭ ଦେଇଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ନୂଆପଡ଼ା ବ୍ଲକର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ତଫସିଲଭୁକ୍ତ ଜନଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ/ପଛୁଆବର୍ଗ/ ସାଧାରଣ ବର୍ଗର ଦାରୀଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ବାଳିକା ଏବଂ ସାମାଜିକ, ସାଂସ୍କୃତିକ/ ଅର୍ଥନୈତିକ/ ଭୌଗୋଳିକ ଓ ଅନ୍ୟାନ୍ୟ ପ୍ରତିବନ୍ଧକ ସକାଶେ ଅଧାରୁ ପାଠପଢ଼ା ଛାଡିଥିବା ବାଳିକା ଦୀର୍ଘ ଦିନ ଧରି ସ୍କୁଲରେ ଅନୁପସ୍ଥିତ ଥିବା ବାଳିକା ସ୍କୁଲରେ ଆଦୌ ନାମଲେଖାଇ ନଥିବା ୧୦ ବର୍ଷ ବୟସରୁ ଅଧିକ ବାଳିକାଙ୍କ ପାଇଁ ୬ଷ୍ଠ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଆସନ୍ତା ଏପ୍ରିଲ ମାସ ୧ ତାରିଖ ଠାରୁ ୧୦ ତାରିଖ ଯାଏଁ ଦରଖାସ୍ତ ଗ୍ରହଣ କରାଯିବ ବୋଲି ବିଦ୍ୟାଳୟ ମୁଖ୍ୟ କହିଛନ୍ତି। ରଥ ନୂଆପଡ଼ା ବ୍ଲକର ବିଭିନ୍ନ ଗାଁକୁ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।

## ନୂତନ ପାଠ୍ୟପୁସ୍ତକ ପ୍ରବୋଧନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**କୋକସରା, ୨୧।୩(ସମିସ):** କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧିନରେ ଥିବା ମାଝିଗୁଡା ମହାଗାନ୍ଧୀ ଉଚ୍ଚ ବିଦ୍ୟାଳୟଠାରେ ଗତ ପାଞ୍ଚ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଓ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ପ୍ରଶିକ୍ଷଣ ଶିବିର 'ପ୍ରବୋଧନ'କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ସମଗ୍ର ଶିକ୍ଷା କଳାହାଣ୍ଡି ପକ୍ଷରୁ ଚାଲିଥିବା ଉଦ୍‌ଯାପିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କିଶୋର ଦାସ ସଭାପତିତ୍ୱ କରିଥିଲେ। ଏଥିରେ କୋକସରା ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ବିଆରସିସି ତୋଫାନ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଲିମ ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରବୋଧନ ପାଠ୍ୟକ୍ରମ ନୂତନ ମାର୍ଗଦର୍ଶିକାକୁ ସଠିକ ଭାବେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନରେ ପଢ଼ାଇବାକୁ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଉଚ୍ଚ ବିଦ୍ୟାଳୟ, ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶିବିରରେ ସଫଳତାର ସହ ତାଲିମ ନେଇଥିବା ନେଇ ମାନପତ୍ର ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ତାଲିମ୍ ଶିବିର

**ମ.ରାମପୁର, ୨୧।୩(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଦୁର୍ଗାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜନ ଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି।ମ.ରାମପୁର ତହସିଲଦାର ମୀମାଂସା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ୍ ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଜନଗଣନା ଅଭିଯାନର ମୁଖ୍ୟ ସୌରଭ ତିୱାରୀ ଯୋଗ ଦେଇଥିବା ବେଳେ ଅତିରିକ୍ତ ତହସିଲ ଦାର୍ ଶମ୍ଭୁ ପ୍ରସାଦ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଅଧ୍ୟକ୍ଷ ଶ୍ରୀମତୀ ସାହୁ ଜନଗଣନା ୨୦୨୭ ପ୍ରଥମ କରି ଡିଜିଟାଲ ପ୍ରକ୍ରିୟାରେ କରାଯିବ ଏବଂ ସମସ୍ତେ ନିଷ୍ଠା ଓ ଆନ୍ତରିକତାର ସହ ଦାୟିତ୍ୱ ନିର୍ବାହ କରିବେ ବୋଲି ସୂଚନା ଦେଇଥିଲେ।ଭୂପେନ୍ଦ୍ର ବେଶ୍ରା, ଗୋବିନ୍ଦ ପଧାନ ତାଲିମ୍ ପ୍ରଦାନ କରିଥିଲେ।ତାଲିମ୍ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।ପ୍ରଥମ ପର୍ଯ୍ୟାୟରେ ୧୬ ଏପ୍ରିଲ ୨୦୨୬ ରୁ ୧୫ ମଇ ୨୦୨୬ ଯାଏ ଗୃହ ଗଣନା କରାଯିବ, ୨୦୨୭ ଫେବୃଆରୀ ୯ରୁ ୨୮ ଯାଏ ଜନଗଣନା ଚାଲିବ ବୋଲି ସରକାର ଦିନ ଧାର୍ଯ୍ୟ କରିଛନ୍ତି। ପ୍ରଥମ କରି କମ୍ପ୍ୟୁଟରୀକରଣ ତଥା ଡିଜିଟାଲ ମୋଡ଼ରେ କରାଯିବ। ଏଥିପାଇଁ ମ.ରାମପୁର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ତାଲିମ ଆରମ୍ଭ ହୋଇଛି। ତାଲିମ୍ ଶିବିର ପରିଚାଳନାରେ ତହସିଲ୍ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରୁଛନ୍ତି।

## କାଳୀକୃଷ୍ଣ ସଂଘର ମହାବିଷ୍ଣୁଯଜ୍ଞ ଉଦ୍‌ଯାପିତ

**ଜୁନାଗଡ଼, ୨୧।୩(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ନକଟିଗୁଡା ଠାରେ ଗତ ୧୭ ତାରିଖରୁ ଚାଲିଥିବା କାଳୀକୃଷ୍ଣ ସଂଘର ନବକୁଣ୍ଡିୟ ବିଶ୍ୱଶାନ୍ତି ମହାବିଷ୍ଣୁଯଜ୍ଞ ଉଦ୍‌ଯାପିତ ହୋଇଛି। ସଂଘ ପରିଚାଳକ ସ୍ୱାମୀ ଜଗଦାନନ୍ଦଜୀ ସରସ୍ୱତୀ ମହାରାଜଙ୍କ ତତ୍ତ୍ୱାବଧାନରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ଅବସରରେ ଜଗଦାନନ୍ଦଜୀ ମହାରାଜଙ୍କ ଲିଖିତ ପୁସ୍ତକ 'ମନ୍ଥନ'ଓ 'ଆନନ୍ଦ ହିଁ ଆନନ୍ଦ'ର ଇଂରାଜୀ ଅନୁବାଦ ପୁସ୍ତକ ଉନ୍ମୋଚନ କରାଯାଇଥିଲା ବେଳେ ୪ଟି ନୂତନ କାଳୀକୃଷ୍ଣ ଭଜନର ମଧ୍ୟ ଶୁଭ ଉନ୍ମୋଚନ ହୋଇଥିଲା। ଯଜ୍ଞ ପାଇଁ ଗତ ୪ଦିନ ଧରି ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଯଜ୍ଞସ୍ଥଳରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।କାଳୀକୃଷ୍ଣ ସଂଘର ଆଚାର୍ଯ୍ୟ, ମୁଖ୍ୟ ସଂଘ, କାଳୀକୃଷ୍ଣ ବାହିନୀ, ପ୍ରଜ୍ଞା ବାହିନୀ, ମିଡିଆ ସେଲ, ଶିଷ୍ୟ ଶିଷ୍ୟା ଓ ନକଟିଗୁଡା ଗ୍ରାମବାସୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ପରିଚାଳନାରେ ସହଯୋଗ କରିଥିଲେ।

## କସ୍ତୁରବାଗାନ୍ଧୀ ବାଳିକା ବିଦ୍ୟାଳୟର ନାମଲେଖା ଅଭିଯାନ

**କୋମନା, ୨୧।୩(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପକ୍ଷରୁ 'ନାମଲେଖା ଅଭିଯାନ' ଶୁଭାରମ୍ଭ ହୋଇଯାଇଛି। ବିଦ୍ୟାଳୟରୁ ବାଦ୍ ପଡ଼ିଥିବା କନ୍ୟା ସନ୍ତାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏହି ସଚେତନତା ରଥ ଗାଁକୁ ଗାଁ ପରିକ୍ରମା କରିବାକୁ ପ୍ରସ୍ତୁତ ହୋଇଛି।ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ରହି ଏକ ସଜ୍ଜିତ ପ୍ରଚାର ଗାଡ଼ି ସମ୍ମୁଖରେ ମଙ୍ଗଳ କଳସ ସ୍ଥାପନ କରିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ସଚେତନତା ରଥର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଅଭିଯାନର ମୂଳ ଲକ୍ଷ୍ୟ।କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ବିଶେଷ କରି ଅନଗ୍ରସର ଓ ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷାରୁ ବଞ୍ଚିତ ହେଉଥିବା ଝିଅମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଇଥାଏ। ଅଭିଯାନ କାର୍ଯ୍ୟକ୍ରରେ ୱାର୍ଡେନ ପ୍ରଭାତି ସିଂ, ଆକାଉଣ୍ଟାଣ୍ଟ ନିବେଦିତା ପାଣିଗ୍ରାହୀ ସମେତ ନୀଳିମା ପ୍ରଧାନ, ଗୀତାଞ୍ଜଳି ରାଉତରାୟ, ଲତିକା ସ୍ୱାଇଁ, ଓ ସରସ୍ୱତୀ ହୋତା ପ୍ରମୁଖ ସାମିଲ ହୋଇଥିଲେ।

# ସ୍ଥିତି ସମାନ, ବିଚାରରେ ଭିନ୍ନତା

**ପିଏମ୍ ଜନମନ ଯୋଜନା**

**ଲାଞ୍ଜିଗଡ଼, ୨୧।୩(ସମିସ)**

କଳାହାଣ୍ଡି ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତି ଶ୍ରେଣୀଙ୍କ ଜୀବନ ଜୀବିକା ପାଇଁ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ଜନଜାତି ମହାନ୍ୟାୟ ଅଭିଯାନ। ସଂକ୍ଷେପରେ ଯାହାକୁ ପ୍ରଧାନମନ୍ତ୍ରୀ ଜନମନ ଯୋଜନା କୁହାଯାଉଛି। ଏହି ଯୋଜନା ଅଧୀନରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ୬୧୪୦ଟି ଆଦିମ ଆଦିବାସୀ ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଇଛି। ୨୨ ଜାନୁଆରୀ ୨୦୨୬ ସୁଦ୍ଧା ଲାଞ୍ଜିଗଡ଼ ବ୍ଲକର ୨୬ଟି ପଞ୍ଚାୟତରେ ସମୁଦାୟ ୬୧୪୦ଟି ଗୃହ ମଞ୍ଜୁର ହୋଇଛି। ସେଥିମଧ୍ୟରୁ ୬୦୬୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ପାଇ ସାରିଛନ୍ତି। ସେହିପରି ୫୨୧୯ ଜଣ ହିତାଧିକାରୀଙ୍କୁ ଦ୍ୱିତୀୟ କିସ୍ତି, ୩୭୯୧ ଜଣଙ୍କୁ ତୃତୀୟ କିସ୍ତି, ୨୪୧୯ ଜଣ ହିତାଧିକାରୀଙ୍କୁ ଚତୁର୍ଥ କିସ୍ତି ମିଳିସାରିଛି। ସେହିପରି ସମୁଦାୟ ୩୨୧୪ଟି ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। କଳାହାଣ୍ଡି ଭଳି ଦୁର୍ଗମ ଆଦିବାସୀ ଅଞ୍ଚଳରେ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ନୀତି ଦଶନ୍ଧି ଦଶନ୍ଧି ଧରି ଲାଞ୍ଜିଗଡ଼ର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତି ପରିବାରଗୁଡ଼ିକ

**ଲାଞ୍ଜିଗଡ଼ ବ୍ଲକ୍ ର ୬୧୪୦ ପରିବାରକୁ ପକ୍କାଘର**

**ଅନୁସୂଚିତ ଜାତି ପରିବାରକୁ ସାମିଲ ଦାବି**

ଅସୁରକ୍ଷିତ ଅବସ୍ଥାରେ ରହୁଥିଲେ। 'ପିଏମ୍-ଜନମନ' ମାଧ୍ୟମରେ ଆଜି ସେମାନଙ୍କୁ ପକ୍କା ଘର, ସମ୍ମାନ ଏବଂ ଉନ୍ନତ ଭବିଷ୍ୟତ ପାଇଁ ଏକ ନୂତନ ଆଶା ସଞ୍ଚାର କରିଛି। ଲାଞ୍ଜିଗଡ଼ର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ କିଛି ଅନୁସୂଚିତ ଜନଜାତିଙ୍କ ଭଳି ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକେ ମଧ୍ୟ ପିଢ଼ି ପିଢ଼ି ଧରି ବସବାସ କରି ଆସୁଛନ୍ତି। ସେମାନଙ୍କର ସାମାଜିକ-ଅର୍ଥନୈତିକ ସ୍ଥିତି, ଭୌଗୋଳିକ ବିଚ୍ଛିନ୍ନତା ଏବଂ ଜୀବନଧାରଣର ଶୈଳୀ ପ୍ରାୟତଃ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ସହିତ ସମାନ। ଏହି ବାସ୍ତବିକତାକୁ ବିଚାର କରି ସରକାର ଏକ ଉପଯୁକ୍ତ ଅଧ୍ୟୟନ ବା ନୀତି ସମୀକ୍ଷା ଆରମ୍ଭ କରିବା ସହିତ ଏପରି ସମାନ ସ୍ଥିତିରେ ଥିବା ଅନୁସୂଚିତ ଜାତି ସମ୍ପ୍ରଦାୟକୁ ମଧ୍ୟ ଏହି ବ୍ୟାପକ କଲ୍ୟାଣକାରୀ ଯୋଜନାର ପରିସରଭୁକ୍ତ କରିବାକୁ ଅନୁରୋଧ କରିଛନ୍ତି ଡ. ନିଆଲ। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟାଳୟ ସହିତ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଆଦିବାସୀ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପ୍ରତିଲିପି ପ୍ରଦାନ କରିଛନ୍ତି।ଏ ସମ୍ପର୍କିତ ଦାବିପତ୍ର ସେ କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ପ୍ରେରଣ କରିଥିବା ଜଣାପଡ଼ିଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ବୈତୁରା ଦୀପ ଦାବିପତ୍ର ଗ୍ରହଣ କରିଥିଲେ।

## ଉକ୍ରେଲା ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ରରେ ତାଲା



**ଭବାନୀପାଟଣା/କେସିଙ୍ଗା, ୨୧।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଉକ୍ରେଲା ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ରରେ ଦୀର୍ଘ ଦିନ ହେଲା ତାଲା ପଡ଼ିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦ୍ରରେ ନିୟୋଜିତ ଥିବା ଏଲ୍‌ଆଇ ସହାୟକ କେନ୍ଦ୍ରକୁ ଆସିବା କେହି କେବେ ବି ଦେଖି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆବଶ୍ୟକ ବେଳେ କେନ୍ଦ୍ରରେ ନିଯୁକ୍ତ ଥିବା ପିଅନ ନିଜ ଇଚ୍ଛାରେ ଆସି ଗାଁ ଗାଁ ବୁଲି ଚିକିତ୍ସା କରିଥାନ୍ତି। ଉକ୍ରେଲା ପଞ୍ଚାୟତ, ଗୋକୁଳେଶ୍ୱର ଓ ଦେଓଗାଁ ପଞ୍ଚାୟତର ଚାଷୀମାନେ ଏହି ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ରରେ ନିର୍ଭରଶୀଳ ଅଛନ୍ତି।କେନ୍ଦ୍ର ସହାୟକ ଅନୁପସ୍ଥିତ ରହିବା ଓ ପିଅନ ନିଜ ମର୍ଜିରେ ସହାୟକ କେନ୍ଦ୍ରକୁ ଆସୁଥିବାରୁ ଚାଷୀଙ୍କ ଗାଈଗୋରୁ, ଛେଳି ମେଣ୍ଢା ଚିକିତ୍ସା ନ ପାଇ ଅକାଳରେ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗୋଷ୍ଠି ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

**ନୂଆପଡ଼ା ଜିଲ୍ଲା ଓକିଲ ସଂଘ ନିର୍ବାଚନ**

## କ୍ଷିତିଶ ସଭାପତି, ପ୍ୟାରୀ ଲାଲ ସମ୍ପାଦକ



**ନୂଆପଡ଼ା, ୨୧।୩(ସମିସ):** ନୂଆପଡ଼ା ଜିଲ୍ଲା ଓକିଲ ସଂଘ ନିର୍ବାଚନରେ କ୍ଷିତୀଶ ଅଶୋକ ବୋଧଙ୍କର ସଭାପତି ଏବଂ ପ୍ୟାରିଲାଲ ଦେୱାଙ୍ଗନ ସମ୍ପାଦକ ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ରୂପେ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଯୁଗ୍ମସମ୍ପାଦକ ଭାବେ ନିତା ବାଗ ଏବଂ କୋଷାଧ୍ୟକ୍ଷ ଭାବେ ଯୋଗେଶ କୁମାର ସାହୁ ମନୋନୀତ ହୋଇଅଛନ୍ତି।

## ଆଜି ମା'ଭଣ୍ଡାର ଘରଣୀଙ୍କ ଚୈତ୍ର ଯାତ୍ରା



**ଧର୍ମଗଡ଼, ୨୧।୩(ସମିସ):** ଧର୍ମଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା'ଭଣ୍ଡାର ଘରଣୀଙ୍କ ଚୈତ୍ରଯାତ୍ରା ଆଜିଠାରୁ ଆରମ୍ଭ ହୋଇ ୨୪ ତାରିଖରେ ଶେଷ ହେବ। ଶନିବାର ସକାଳୁ ସ୍ଥାନୀୟ ଗୋନ୍ତିୟାଙ୍କ ଘରୁ ପୂଜାର୍ଚ୍ଚନା ପରେ ମାଆଙ୍କ ଘଟକୁ ତେନ୍ତୁଳିଆ ପଡ଼ାସ୍ଥିତ ମନ୍ଦିର ପୂଜକଙ୍କ ଘରକୁ ନେଇ ସେଠାରେ ପୂଜର୍ଚ୍ଚନା ପରେ ମା'ଙ୍କ ଘଟନଗର ପରିକ୍ରମାରେ ବାହାରିଥାଏ। ମହିଳାମାନେ ନିଜ ଘର ଆଗରେ ଲିପା ପୋଛା କରିବା, ଝୋଟି ଦେଇ ମା'ଙ୍କ ସଦୃଶ କଳସ(ଘଟ)କୁ ବନ୍ଦାପନା କରି ସ୍ୱାଗତ କରିଥାନ୍ତି। ତିନି ଦିନ ଧରି ଗ୍ରାମ ପରିକ୍ରମା ପରେ ଆସନ୍ତା ମଙ୍ଗଳବାର ଦିନ ମା'ଙ୍କ ଘଟ ଯାତ୍ରା ଶେଷ ହେବ। ଧର୍ମଗଡ଼ର ଅଧୀଷ୍ଠାତ୍ରୀ ଦେବୀ ହେଉଛନ୍ତି ମା'ଭଣ୍ଡାର ଘରଣୀ। ମା' ଭଣ୍ଡାର ଘରଣୀଙ୍କ ଉପରେ ଅଞ୍ଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ବର୍ଷ ତମାମ ଭକ୍ତମାନଙ୍କୁ ମା' ନିଜ ମନ୍ଦିରରେ ଦର୍ଶନ ଦେଉଥିବା ବେଳେ ମା'ଙ୍କ ଚୈତ୍ର ପର୍ବ ସମୟରେ ମା'ଙ୍କ ପ୍ରତିମା ସ୍ୱରୂପ ଘଟ (କଳସୀ) ମନ୍ଦିରରୁ ବାହାରି ନଗର ପରିକ୍ରମା ପୂର୍ବକ ଭକ୍ତଙ୍କ ଦୁଆର ମୂହଁରେ ଦର୍ଶନ ଦେଇଥାନ୍ତି। ମା'ଙ୍କ ଘଟ ତେନ୍ତୁଳିଆ ପଡ଼ା ଠାରୁ ବାହାରି ଆସନ୍ତା ୨୪ ତାରିଖ ମଙ୍ଗଳବାର ଦିନ ମା'ଙ୍କ ଚୈତ୍ର କାଳୀନ ଘଟ ଯାତ୍ରା ଶେଷ ହେବ।ଆୟୋଜକ କମିଟି ପକ୍ଷରୁ ରାତିରେ ଘୁମୁରା, ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମମାନ ରଖା ଯାଇଛି। ପ୍ରଶାସନିକ କଟକଣା ସତ୍ତ୍ୱେ ମା'ଙ୍କ ଚୈତ୍ର ଯାତ୍ରା ଶେଷଦିନ ମା'ଙ୍କ ପୀଠ ରକ୍ତ ରଞ୍ଜିତ ହୋଇଥାଏ। ବହୁ ସଂଖ୍ୟାରେ ମାନସିକଧାରୀ ଏଠାକୁ ଆସି ପଶୁ ଓ ପକ୍ଷୀ ବଳିଦେବାର ପରମ୍ପରା ରହିଆସିଛି।

## ବିଜୁ ଜନତା ଦଳର ସାଂଗଠନିକ ବୈଠକ



**ଧର୍ମଗଡ଼, ୨୧।୩(ସମିସ):** ଧର୍ମଗଡ଼ ବ୍ଲକସ୍ତରୀୟ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ଡାକେ ଲହଜଲଙ୍କ ସଭାପତିତ୍ୱରେ ବୈଠକ ଆୟୋଜିତ ହୋଇଥିଲା।ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିଧାୟକ ଓ ରାଜ୍ୟ ବରିଷ୍ଠ ସାଧାରଣସମ୍ପାଦକ ପୁଷ୍ପେନ୍ଦ୍ର ସିଂ ଦେଓ ଉପସ୍ଥିତ ରହି ସମସ୍ତ ମନୋନୀତ ପଦାଧିକାରୀଙ୍କୁ ସମ୍ମାନିତ କରିଥିଲେ।ବୈଠକରେ ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ହୀରା ବାଗ, ଜିଲ୍ଲା ଉପସଭାପତି ଥବିର ସାହୁ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ତିୱାରୀ, ବେଣୁଧର ନାଏକ ଓ ଲବଣୀ ଯାଦବ ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।ଆଗାମୀ ଦିନରେ ଦଳ ଓ ସଂଗଠନକୁ କିପରି ମଜବୁତ କରାଯିବ ବିସ୍ତୃତ ଆଲୋଚନା ସହ ପଞ୍ଚାୟତ ଓ ଏନଏସି ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ବୈଠକରେ ସମସ୍ତ ଜିଲ୍ଲାପରିଷଦ ସଦସ୍ୟ, ପଞ୍ଚାୟତ ସଭାପତି, ଛାତ୍ର ନେତା ଓ ମହିଳା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶେଷରେ ସନ୍ତୋଷ ପାଢ଼ୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ମା'ଡୋକରୀ ଲୋକମହୋତ୍ସବ ଉଦ୍‌ଘାଟିତ



**ମ.ରାମପୁର, ୨୧।୩(ସମିସ):** ଟାପରେଙ୍ଗ ଗଡ଼ର ଐତିହ୍ୟ ଓ ପରମ୍ପରା ଖୁବ୍ ପ୍ରାଚୀନ। ଏଇ ମାଟି ର ଇଷ୍ଟ ଦେବୀ ମା'ଡୋକରୀଙ୍କ ମହିମା ଅପାର ବୋଲି ୨ୟ ବର୍ଷ ମା'ଡୋକରୀ ଲୋକ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।ଆୟୋଜକ କମିଟିର ସଭାପତି ଯୋଗେନ୍ଦ୍ର ଧରୁଆଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମ.ରାମପୁର ରାଜା ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ବୁଧେନ୍ଦ୍ର ପ୍ରତାପ ସିଂହ ଦେଓ, ମୁଖ୍ୟବକ୍ତା ସାମ୍ବାଦିକ ଓ ସାହିତ୍ୟିକ ହେମନ୍ତ ସାହୁ, ସମ୍ମାନିତ ଅତିଥି ମ, ରାମପୁର ଖ:ଜିଲ୍ଲା ପରିଷଦ ସଦସ୍ୟା ମଞ୍ଜୁଲତା ଧରୁଆ, ମାଣି କେରା ସରପଞ୍ଚ ଫଗୁଣ ଧରୁଆ, ସମାଜସେବୀ ଯୋଗେନ୍ଦ୍ର ସେନାପତି, ଶିକ୍ଷକ ବିଶ୍ୱମ୍ବର ନାଏକ, ଅଶୋକ କୁମାର ତରିଆ, ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଘାସିରାମ ଧରୁଆ ମଞ୍ଚ ପରିଚାଳନା କରିଥିବା ବେଳେ ମହୋତ୍ସବ କମିଟିର ସମ୍ପାଦକ ହିମାଂଶୁ କୁମୁରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଭାପରେ ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସଦସ୍ୟ ମାନେ ସହଯୋଗ କରିଥିଲେ।

## ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




**ଭବାନୀପାଟଣା, ୨୧।୩ (ସମିସ):** ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଡ.ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ.ନିବେଦିତା ନାଥ ଓ ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବିଶିଷ୍ଟ ଗବେଷକ ପରମେଶ୍ୱର ମୁଣ୍ଡ ଯୋଗଦେଇଥିଲେ। ବ୍ୟକ୍ତିତ୍ୱ, ପରିବାର, ସମାଜ ଓ ରାଷ୍ଟ୍ରର ମାନଦଣ୍ଡ ହିଁ ଶିକ୍ଷା। ମୁଖ୍ୟଅତିଥି ଡ.ନାଥ ଛାତ୍ରୀଙ୍କୁ ନିଜର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି ହେବା ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟ ବକ୍ତା ଡଃ.ମୁଣ୍ଡ ଛାତ୍ରୀଙ୍କୁ ମାନବିକତାର ବାର୍ତ୍ତା ପ୍ରଦାନ କରିବା ସହ ଜଣେ ଜଣେ ଉତ୍ତମ ନାଗରିକ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ଡ.ଜେନା ଛାତ୍ରୀମାନେ କିପରି ନିଜ ଲକ୍ଷ୍ୟ ହାସଲ କରିପାରିବେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅଧ୍ୟାପକ ଶୁଭମ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ପରିଷଦ ଉପଦେଷ୍ଟା ଧୀରେଶ ଚନ୍ଦ୍ର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ପ୍ରତାପ ସେନାପତି ନାଟ୍ୟ ସଂସଦ ସଭାପତି ଧନ୍ୟବାଦ ପ୍ରଦାନ ଓ ଡ.ରାଧାରାଣୀ ନାୟକ ସହଯୋଗୀ ଉପଦେଷ୍ଟା ବାର୍ଷିକ ବିବରଣୀ ପଠନ କରିଥିଲେ।+୨ ସ୍ତରର ସାଂସ୍କୃତିକ ପରିଷଦ ଉପସଭାପତି ଡ.ସୁରେଶ୍ୱରୀ ବାଘ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନରେ ସାହାଯ୍ୟ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସରରେ ସମ୍ବିଧାନ ପ୍ରଣେତା ଡ.ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା। ମହାବିଦ୍ୟାଳୟ ବାର୍ଷିକ ମୁଖପତ୍ର 'ମୂର୍ଚ୍ଛନା'ଓ ଅଧ୍ୟକ୍ଷ ଡଃ.ଜେନାଙ୍କ ରଚିତ ପୁସ୍ତକ'ସ୍ୱାଧୀନୋତ୍ତର କାଳରେ ପ୍ରାଚୀନ ଓଡ଼ିଶାର ଇତିହାସ ଲିଖନୀ କଳା'ଉନ୍ମୋଚିତ ହୋଇଥିଲା। ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ଓ ନାଟକ 'ହକଦାର 'ମଞ୍ଚସ୍ଥ ହୋଇଥିଲା।

**ନୂଆପଡ଼ାରେ ଡୁଡା ସମୀକ୍ଷା ବୈଠକ**

# ରାଜସ୍ୱ ସଂଗ୍ରହରେ ଉନ୍ନତି ପାଇଁ ଗୁରୁତ୍ୱ

**ନୂଆପଡ଼ା, ୨୧।୩(ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ନଗରଉନ୍ନୟନସଂସ୍ଥା (ଡୁଡା) ର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ତିନୋଟି ଏନ୍‌ଏସି ନୂଆପଡ଼ା, ଖଡିଆଳ ଓ ଖରିଆରରୋଡର କାର୍ଯ୍ୟାବଳୀ ସମୀକ୍ଷା ସହିତ ରାଜସ୍ୱ ସଂଗ୍ରହ, ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ, ପିଏମଏୱାଇ (ନଗର) ଓ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଏମଏସବିୱାଇ) ର କାର୍ଯ୍ୟାନ୍ୱୟନ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟଉନ୍ନୟନ ଅଧିକାରୀ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଧରୁଆ ବିଭିନ୍ନ ଏନ୍‌ଏସିର କାର୍ଯ୍ୟ ପ୍ରଗତି ଓ ଆର୍ଥିକ ତଥ୍ୟ ଉପସ୍ଥାପନ କରିଥିଲେ।୨୦୨୫ ୨୬ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ସଂଗ୍ରହ ସମୀକ୍ଷାରେ ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ ଖଡିଆଳ ଏନ୍‌ଏସି ପ୍ରାୟ ୯୯.୦୩ ପ୍ରତିଶତ ସଫଳତା ହାସଲ କରିଥିବା ବେଳେ ନୂଆପଡ଼ା ୯୦.୦୩ ପ୍ରତିଶତ ଓ ଖରୀଆରରୋଡ ୯୦.୯ ପ୍ରତିଶତ ସଫଳତା ହାସଲ କରିଛି। ଏନ୍‌ଏସି ସମ୍ପତ୍ତି ଭଡାରେ ଖଡିଆଳ ୮୬.୬୪ ପ୍ରତିଶତ ଓ ନୂଆପଡ଼ା ୪୭.୮୩ ପ୍ରତିଶତ ଆଦାୟ କରିଛି।ବ୍ୟବସାୟ ଲାଇସେନ୍ସ ଆଦାୟରେ ମଧ୍ୟ ସନ୍ତୋଷଜନକ ପ୍ରଗତି ଦେଖାଯାଇଛି। ସମୁଦାୟ ରାଜସ୍ୱ ସଂଗ୍ରହରେ ଖଡିଆଳ ୭୬.୬୭ ପ୍ରତିଶତ, ନୂଆପଡ଼ା ୭୬.୧୦ ପ୍ରତିଶତ ଓ ଖରିଆର ରୋଡ ୯୨.୬୦ ପ୍ରତିଶତ ସଫଳତା ରହିଛି।



ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ଅଧୀନରେ ସମସ୍ତ ୱାର୍ଡରେ ଡୋର୍-ଟୁ-ଡୋର ବର୍ଜ୍ୟ ସଂଗ୍ରହ କାର୍ଯ୍ୟ ସୁଚାରୁ ଭାବେ ଚାଲୁଥିବା ବେଳେ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ଓ ପ୍ରକ୍ରିୟାକରଣରେ ମଧ୍ୟ ଉନ୍ନତି ଦେଖାଯାଇଛି।ପିଏମଏୱାଇ (ନଗର) ଅଧୀନରେ ଘର ନିର୍ମାଣ କାର୍ଯ୍ୟରେ ଗତି ଆସିଥିବାବେଳେ ଅସମ୍ପୂର୍ଣ୍ଣ ଘରଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏମଏସବିୱାଇ ଯୋଜନାରେ ବିଭିନ୍ନ ପ୍ରକଳ୍ପର ଅନୁମୋଦନ, ଟେଣ୍ଡର ଓ କାର୍ଯ୍ୟାନ୍ୱୟନ ଅବସ୍ଥା ସମୀକ୍ଷା କରାଯାଇଥିଲା। ଅନୁମୋଦିତ ପ୍ରକଳ୍ପଗୁଡ଼ିକରେ ଶୀଘ୍ର କାମ ଆରମ୍ଭ କରି ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜୋର ଦିଆଯାଇଥିଲା। ମଲ୍ଟି ପର୍ପୋଜ ହଲ ନିର୍ମାଣ କାର୍ଯ୍ୟରେ ଅଧିକାଂଶ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ କେତେକ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଥିବା ତଥ୍ୟ ବୈଠକରେ ଉପସ୍ଥାପିତ ହୋଇଥିଲା। ଜିଲ୍ଲାପାଳ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରାଜସ୍ୱ ସଂଗ୍ରହରେ ୧୦୦ପ୍ରତିଶତ ଲକ୍ଷ୍ୟ ପ୍ରାପ୍ତି, ସହରମାନଙ୍କର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣରେ ଅଗ୍ରଗତି ଆଣିବା ସହିତ ଯୋଜନାମାନଙ୍କର ସଫଳ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦେଇଥିଲେ। ବୈଠକରେ ନୂଆପଡ଼ା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡିଆଳ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଖରୀଆରରୋଡ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥଙ୍କ ସହ ନଗର ଉନ୍ନୟନ ଓ ବିଭିନ୍ନ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ।

## ଦେପୁରରେ ୨ ମାସ ହେଲା ପାନୀୟ ଜଳ ବନ୍ଦ

**କଲମପୁର, ୨୧।୩ (ସମିସ):** କଲମପୁର ବ୍ଲକ ଦେପୁର ପଞ୍ଚାୟତ ସଦର ମହକୁମାରେ ପାଇପ ପାଣି ଯୋଗାଣ ଦୁଇମାସ ହେଲା ବନ୍ଦ ପଡ଼ିଛି। ଫଳରେ ଦେପୁର ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ପନ୍ଥା ଆପଣାଇବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି। ଦେପୁର ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ସରକାର ଏକ ଓଭରହେଡ ଟ୍ୟାଙ୍କ ନିର୍ମାଣ କରି ଦେଇଛନ୍ତି। ହାତୀ ନଦୀରୁ ପାଣି ଆସି ଟ୍ୟାଙ୍କରେ ଜମା ପରେ ପାଇପ୍ ଯୋଗେ ପାଣି ଯୋଗାଣ ହେଉଥିଲା। ସେହି ସ୍ଥାନରୁ ଲିଜ ନେଇ ବାଲି ଉତ୍ତୋଳନ କରାଯାଉଛି, ଫଳରେ ବାଲି ପରିବହନ ଗାଡି ଚାପରେ ପାଣି ପାଇପ ଫାଟି ଯାଉଥିବାରୁ ପାଣି ଯୋଗାଣ ବାଧାପ୍ରାପ୍ତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଏନେଇ ଦେପୁରବାସୀ ସରପଞ୍ଚ, ବିଡ଼ିଓ, ସମ୍ପୃକ୍ତ ବିଭାଗ ସମେତ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ହେଲେ ଏଯାଏଁ ସୁଫଳ ମିଳିନାହିଁ, ଏନେଇ ସରପଞ୍ଚ ଟ୍ୱିଙ୍କଲ ପାତ୍ର ଆମେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛୁ, ପ୍ରତିଶ୍ରୁତି ମିଳିଛି ହେଲେ କାର୍ଯ୍ୟକାରୀ ହୋଇ ପାରିନାହିଁ ବୋଲି କହିଛନ୍ତି। ଏନେଇ କଲମପୁର ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ପ୍ରଦିପ କୁମାର ଖିଲାର କୁହନ୍ତି ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ। ଏକ ସପ୍ତାହ ମଧ୍ୟରେ କାମ ଆରମ୍ଭ ହେବ ବୋଲି କହିଛନ୍ତି। ଏଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ମହଲରେ ଦାବି ହେଉଛି।

ସକାଳ THE SAKALA

ପଶ୍ଚିମାଞ୍ଚଳ

www.sakalaepaper.com

ଅମଡ଼ା ଗାଁ ଲିଟିବୁଣ୍ଡେଲ

# ବିଜୁଳି ଓ ପାନୀୟ ଜଳ ସ୍ୱପ୍ନ

ଲାଞ୍ଜିଗଡ଼, ୨୧।୩(ସମିସ)

ବଣପାହାଡ଼ ଭିତରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କିଭଳି ଦୟନୀୟ ଅବସ୍ଥାରେ ରହୁଛନ୍ତି ଆଖିରେ ନଦେଖିଲେ ବିଶ୍ୱାସ କରିହେବନାହିଁ। ସ୍ଥାନୀୟ ପ୍ରଶାସନ ପାଇଁ ଏହି ଗାଁ





ସତେ ଯେମିତି ଅମଡ଼ା ବାଟ ହୋଇଛି। ଏଠାରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ଅନୁସୂଚିତ ଜନଜାତି ଓ ଅନୁସୂଚିତଜାତି ଗାଁ ଲିଟିବୁଣ୍ଡେଲର ବ୍ୟଥା ବଖାଣୁଛୁ। ୧୨୦ଟି ପରିବାର ରହୁଥିବା ୭ ଶହରୁ ଉର୍ଦ୍ଧ୍ୱ? ଜନସଂଖ୍ୟା ବିଶିଷ୍ଟ ଏହି ଗାଁ ସମସ୍ୟା କାହିଁରେ କେତେ।ପଞ୍ଚାୟତ ମୁଖ୍ୟାଳୟରୁ ଏହି ଗାଁ ମାତ୍ର ୧୨ କି:ମି ଦୂରରେ ରହିଛି ଏହି ଗାଁ। ୧୦୦ ବର୍ଷ ହେବ ବସବାସ କରୁଥିବା ଗ୍ରାମବାସୀଙ୍କ ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳ।ଗ୍ରାମରେ ୨ଟି ନଳକୂପ ରହିଛି। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଠିକ ଭାବେ ପାଣି ବାହାରୁନାହିଁ। ତେଣୁ ଗ୍ରାମ ନିକଟସ୍ଥ ଝରଣାର ୨ ପାଖରେ କୁଣ୍ଡ କରି ସେଠାରୁ ବାହାରୁଥିବା ପାଣିକୁ ପାନୀୟଜଳ ରୂପେ ବ୍ୟବହାର କରୁଛନ୍ତି। ବର୍ଷା ଦିନେ ପାଣି ଗୋଳିଆ ହୋଇଯାଉଛି।ଖରାଦିନେ ଝରଣା ପାଣି ଶୁଖିଯାଉଛି। ଉକ୍ତ ଝରଣା ପାଣିକୁ ବନ୍ୟଜନ୍ତୁ, ଗୃହପାଳିତ ପ୍ରାଣୀ ବି ବ୍ୟବହାର କରିଥାନ୍ତି। ଗ୍ରାମବାସୀ ଉକ୍ତ ଦୂଷିତ ପାଣିକୁ ବ୍ୟବହାର କରୁଥିବାରୁ ଅନେକ ରୋଗର ଶିକାର ହେଉଥିବା ଅଭିଯୋଗ ହେଉଛି। ଗାଁରେ ପାନୀୟଜଳର ସୁବିଧା ପାଇଁ ବାରମ୍ବାର ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଜଣାଇବା ପରେ ୨୦୨୩ ମସିହାରେ ଗାଁରେ ଜଳ ଯୋଗାଣ ପାଇଁ ୨ଟି ଭୂତଳ ନଳକୂପ ଖୋଳା ଯାଇଛି।ଗାଁରେ ଜଳ ଯୋଗାଣ ବିଳମ୍ବ ନେଇ ଗ୍ରାମବାସୀ ବ୍ଲକ ଜଳ ଯୋଗାଣ ଦାଇତ୍?ରେ ଥିବା କନିଷ୍ଠ ଯନ୍ତ୍ରୀ ଦଶମନ୍ତ ମାଝୀଙ୍କୁ ୨୦୨୪ ଏପ୍ରିଲ ୪ ତାରିଖ ଦିନ ଯୋଗାଯୋଗ କରିଥିଲେ। ଏହାପରେ ଯନ୍ତ୍ରୀ ଶ୍ରୀ ମାଝୀ ଠିକାଦାରଙ୍କ ସହିତ ଯୋଗାଯୋଗ କରି ଆସନ୍ତା ଏହି ୧୦ ଦିନ ମଧ୍ୟରେ ସେମାନେ ଆସି ଗୋଟିଏ ବଡ ଟାଙ୍କି କାମ ଆରମ୍ଭ କରିବେ ବୋଲି କହିଥିଲେ।କିନ୍ତୁ ଏହାପରେ ଦାଇତ୍? ନେଇଥିବା ଠିକାଦାର ଓ ପ୍ରଶାସନିକ ଅଧିକାରୀଙ୍କ ଯୋଗାଯୋଗ ଅଭାବ ଯୋଗୁଁ ବିଳମ୍ବରେ ୨୦୨୫ ମସିହାରେ ଗାଁରେ ନୂତନ ଭାବେ ବସୁଧା ପାଣି ଟାଙ୍କି ନିର୍ମାଣ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ସେଠାରେ ମୋଟର ସଂଯୋଗ ହୋଇନାହିଁ। ଯାହା ଫଳରେ ଗ୍ରାମବାସୀ ପାନିୟ ଜଳ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି।ଏହି ଗ୍ରାମରେ ବିଦ୍ୟୁତ ସଂଯୋଗ ପାଇଁ ବାରମ୍ବାର ଅଭିଯୋଗ ପରେ ୨୦୧୨ ମସିହାରେ ବିଦ୍ୟୁତ ସଂଯୋଗ ପାଇଁ ଖୁଣ୍ଟ ପୋତା ହୋଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ୧୪ ବର୍ଷ ହେଲା ବିଦ୍ୟୁତ ସଂଯୋଗ ହୋଇନାହିଁ।ବିକଶିତ ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଜରୁରୀକାଳୀନ ମୋବାଇଲ ସେବାରୁ ବଞ୍ଚିତ ରହି ଅନ୍ଧାରରେ ଦିନ କାଟୁଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ। ଏନେଇ ବେନଗାଁ ସରପଞ୍ଚ ପୁରାଣା ମାଝୀଙ୍କୁ ପଚାରିବାରୁ ଗାଁରେ ପାଣି ଓ ବିଜୁଳି ସମସ୍ୟା ଯୋଗୁଁ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି।ଏହାକୁ ନେଇ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ବୈଠକରେ ମୁଁ ପଞ୍ଚାୟତ ସମିତି ଅଧ୍ୟକ୍ଷ, ବିଡିଓ ଏବଂ ଜଳଯୋଗାଣ ଦାଇତ୍?ରେ ଥିବା କନିଷ୍ଠ ଯନ୍ତ୍ରୀ ଓ ବିଦ୍ୟୁତ ବିଭାଗଙ୍କୁ ବାରମ୍ବାର ଅଭିଯୋଗ କରୁଛି।କିନ୍ତୁ ମୋ କଥାକୁ କର୍ଣ୍ଣପାତ କରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଏନେଇ ବ୍ଲକ ଜଳ ଯୋଗାଣ ଦାଇତ୍?ରେ ଥିବା କନିଷ୍ଠ ଯନ୍ତ୍ରୀ ଶ୍ରୀ ମାଝୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା।ତେଣୁ ଏହି ଗାଁର ସମସ୍ୟା ପ୍ରତି ପ୍ରଶାସନ ଓ ଜନପ୍ରତିନିଧି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଘରୋଇ ମେଡିକାଲରେ ଝିଅ ଜନ୍ମ ଦେଇ ମାଁର ମୃତ୍ୟୁ

**କେସିଙ୍ଗା, ୨୧।୩(ସମିସ):** ଝିଅକୁ ଜନ୍ମ ଦେବା ପରେ ମୃତ୍ୟୁ ବରଣ କରିଛି ଜଣେ ମାଆ। କେସିଙ୍ଗାରେ ଏକ ଘୋରେଇ ଡାକ୍ତରଖାନାରେ ଏଭଳି ଘଟଣା ଘଟିଛି। ମିଳିଥିବା ସୂଚନା ଅନୁସାରେ ନରଲା ବ୍ଲକ ରୁପ୍ରା ଗ୍ରାମର ଭକ୍ତ କୁମାରଙ୍କ ସ୍ତ୍ରୀ ରେଖାଙ୍କ ଗର୍ଭ ଯନ୍ତ୍ରଣା ଯୋଗୁଁ ଗତ ଶୁକ୍ରବାର କେସିଙ୍ଗା ସରକାରୀ ଡାକ୍ତରଖାନାକୁ ପ୍ରସବ ପାଇଁ ଅଣା ଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ତଦାରଖ ପରେ ତାଙ୍କର ହିମୋଗ୍ଲୋବିନ କମ ଥିବାରୁ ତାଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ରେଫର କରାଯାଇଥିଲା। କିନ୍ତୁ ସେ ଭବାନୀପାଟଣା ନ ଯାଇ କେସିଙ୍ଗାର ଏକ ଘରୋଇ କ୍ଲିନିକରେ ଭର୍ତ୍ତି ହୋଇଥିଲେ। ସେଠାରେ ଅସ୍ତ୍ରୋପଚାର ମାଧ୍ୟମରେ ଏକ ଝିଅ ଜନ୍ମ ଦେଇଥିଲେ। ନବଜାତ ଶିଶୁକୁ ଜନ୍ମ ଦେବା ପରେ ରାତିରେ ରେଖା ମୃତ୍ୟୁ ବରଣ କରିଥିଲେ।ଏଠାରେ ପ୍ରଶ୍ନ ଉଠୁଛି ଯେ ସରକାରୀ ଡାକ୍ତରଖାନାରୁ ତାଙ୍କୁ ଭବାନୀପାଟଣାକୁ ରେଫର କରାଯାଇଥିବା ବେଳେ ସେ କାହା କଥାରେ ପଡ଼ି ସେ ଭବାନୀପାଟଣା ନ ଯାଇ ଘୋରେଇ କ୍ଲିନିକୁ ଯାଇଥିଲେ ତାହା ତଦନ୍ତ ସାପେକ୍ଷ। ଅନ୍ୟପଟେ ତାଙ୍କର ହିମୋଗ୍ଲୋବିନ କମ ଥିବାରୁ ତାଙ୍କୁ ସରକାରୀ ମେଡିକାଲରୁ ଫେରେଇ ଦିଆଯାଇଥିବା ବେଳେ ଘରୋଇ କ୍ଲିନିକ କର୍ତ୍ତୃପକ୍ଷ କିଭଳି ଚିକିତ୍ସା ପାଇଁ ରାଜି ହେଲେ ? ଘରୋଇ କ୍ଲିନିକରେ ରକ୍ତ ଭଣ୍ଡାରର ସୁବିଧା ଥିଲା ତ ? ଯଦି ନାହିଁ ତାହେଲେ କ୍ଲିନିକରେ କେମିତି ଅପରେସନ ହେଲା ଚିକିତ୍ସା ପୂର୍ବ ପରୀକ୍ଷା କରିଥିଲେ ତ କ୍ଲିନିକର ଡାକ୍ତର ? ଏଭଳି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି। ଏ ନେଇ ଉକ୍ତ ଘରୋଇ କ୍ଲିନିକର ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରିଥିଲୁ ହେଲେ ତାହା ସମ୍ଭବ ହୋଇ ନ ଥିଲା। ଏହି ଘଟଣାର ବିଧିବଦ୍ଧ ତଦନ୍ତ ସ୍ୱାସ୍ଥ୍ୟ ବିଭାଗ କଲେ ରେଖା ଙ୍କ ମୃତ୍ୟୁ ପ୍ରକୃତ ତଥ୍ୟ ସାମ୍ନାକୁ ଆସିପାରିବ। ସେପଟେ ସ୍ଥାନୀୟ ପୁଲିସ ସହାୟତାରେ କେସିଙ୍ଗା ଡାକ୍ତରଖାନା ରେ ରେଖାର ଶବକୁ ବ୍ୟବଚ୍ଛେଦ ପରେ ପରିବାର କୁ ହସ୍ତାନ୍ତର କରାଯାଇଛି।ନବଜାତ ଶିଶୁ କନ୍ୟାକୁ କେସିଙ୍ଗା ମେଡିକାଲ ରେ ରଖାଯାଇ ଯତ୍ନ ନିଆଯାଉଛି ଶିଶୁ କନ୍ୟାର ସ୍ୱାସ୍ଥ୍ୟ ଠିକ୍ ଥିବା ଦାୟିତ୍ୱରେ ଥିବା କେସିଙ୍ଗା ମେଡିକାଲର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଲଳିତ ଅଗ୍ରୱାଲ ପ୍ରକାଶ କରିଛନ୍ତି।

## ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ



**ଖଡ଼ିଆଳ, ୨୧।୩(ସମିସ):** ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ କମିଟି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ନୂଆପଡ଼ା ମଧୁସୂଦନ ଦାଶ ଯୋଗ ଦେଇ ଅଷ୍ଟମରୁ ଏକାଦଶ ଶ୍ରେଣୀରେ ସାପ୍ତାହିକ ପରୀକ୍ଷା ଅନୁଷ୍ଠିତ କରିବାକୁ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜିବ କୁମାର ସାହୁ, ତହସିଲଦାର ନରସିଂହ ଗଦବା, ଖଡିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ଅଧିକ୍ଷଣ ଯନ୍ତ୍ରୀ ଗୃହ ଓ ପୂର୍ତ୍ତ ନିର୍ମାଣ ବିଭାଗ ଶଶାଙ୍କ ଶେଖର ଶୁକ୍ଳା, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସୁନୀଲ କୁମାର ସାହୁ, ରାଜା ଏଟି ହାଇସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ସ୍ୱାସ୍ଥ୍ୟ ଅଧିକାରୀ ଡ.ରଞ୍ଜିତ କୁମାର ରାଉତ, ଅଭିଭାବକ ତପନ ଦାଶ, ବିନ୍ଦିଆ ଅଗ୍ରୱାଲ, ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ସହକାରୀ ଯନ୍ତ୍ରୀ ଅରୁଣ କୁମାର ପାତ୍ର, ଜିତେନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## କର୍ଲାମୁଣ୍ଡାରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ପ୍ରଶିକ୍ଷଣ

**କର୍ଲାମୁଣ୍ଡା, ୨୧।୩ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ କର୍ଲାମୁଣ୍ଡା ତହସିଲ ପକ୍ଷରୁ ଜନ ଗଣନା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ତିନିଦିନିଆ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି।ଏଥିରେ ତହସିଲଦାର ତଥା ଜନ ଗଣନା ବ୍ଲକ ଇନ ଚାର୍ଜ ଅରୁଣ ବର୍ଗେ, ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ପଟେଲ ଶିବିର କୁ ଉଦଘାଟନ କରିଥିବା ବେଳେ ସାଧନ କର୍ମୀ ଭାବେ ଉଦ୍ୟାନ ବିଭାଗ ଅଧିକାରୀ ରୀଙ୍କୁ ପ୍ରଧାନ, ବ୍ଲକମତ୍ସ୍ୟ ଅଧିକାରୀ ଶକ୍ତିକାନ୍ତ ବେହେରା ଯୋଗ ଦେଇ କିଭଳି ନିର୍ଭୁଲ ଭାବେ ଜନଗଣନା କାର୍ଯ୍ୟ ସମ୍ପାଦନା ହେବ ସେ ଉପରେ ତାଲିମ ପ୍ରଦାନ କରିଥିଲେ। ଏହାସହିତ ଘରେ ଘରେ ସର୍ବେକ୍ଷଣ କରିବା ସମୟରେ ଅନୁସରଣୀୟ ନିୟମ ଓ ନୀତି ଉପରେ ମଧ୍ୟ ଜୋର ଦିଆଯାଇଥିଲା।ଏଥିରେ ୭ ଜଣ ସୁପରଭାଇଜର ଓ ୪୩ ଏନି ମେଟର ମାନେ ତାଲିମ ଗ୍ରହଣ କରୁଥିବା ତହସିଲଦାର ଅରୁଣ ବର୍ଗେ ସୂଚନା ଦେଇଛନ୍ତି।ତେବେ ଏହି ପ୍ରଶିକ୍ଷଣ ଶିବିର ସୋମବାର ଉଦଯାପିତ ହେବାକୁ ଥିବା ବେଳେ ଚଳିତ ମାସ ୨୪ ତାରିଖ ରୁ ୨୬ ତାରିଖରେ ତୃତୀୟ ପର୍ଯ୍ୟାୟ ତାଲିମ ଶିବିର ଅନୁଷ୍ଠିତ ହେବାକୁ ଥିବା ଜଣାପଡ଼ିଛି।

## ପ୍ରଦୂଷଣ ନିୟନ୍ତ୍ରଣ ସଚେତନତା ଶିବିର

**କେସିଙ୍ଗା, ୨୧।୩(ସମିସ):** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ଶିରୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଆଇନ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷା ତଥା ବିଚାରପତି ଦୀପ୍ତା ସେଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଇଥିଲେ।ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୂପେନ୍ଦ୍ର କୁମାର ସିଂ, କେସିଙ୍ଗା ଆଦର୍ଶ ଥାନାର ଏ ଏସ୍ଆଇ ଚିତ୍ତରଞ୍ଜନ ଶବରଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ଓ ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜ୍ୟୋତିଷ ଭାସ୍କର ଓ ଜ୍ୟୋତିଷ ଉତ୍କର୍ଷ ପୁରସ୍କାର

**ସିନାପାଲି, ୨୧।୩(ସମିସ):** ସିନାପାଲି ବ୍ଲକ ଚାରପାଲି ନିବାସୀ ଡ଼.ଅର୍ଜୁନ ଶାସ୍ତ୍ରୀଙ୍କୁ ବିଶ୍ୱ ଜ୍ୟୋତିଷ ସଂଘ ପକ୍ଷରୁ ଆୟୋଜିତ ରୌପ୍ୟ ଜୟନ୍ତୀ ସମାରୋହ ଅବସରରେ ଜ୍ୟୋତିଷ ଭାସ୍କର ଓ ଜ୍ୟୋତିଷ ଉତ୍କର୍ଷ ପୁରସ୍କାର ପାଇ ସମ୍ମାନିତ ହୋଇଛି।ଡ଼.ଶାସ୍ତ୍ରୀ ପିଲାଟି ଦିନରୁ ଜ୍ୟୋତିଷ ଶାସ୍ତ୍ର ଉପରେ ଜ୍ଞାନ ଆହରଣ କରି ବେଶ୍ ସୁପରିଚିତ ହୋଇପାରିଥିଲେ। ପୂର୍ବରୁ ସେ ଅଖିଳ ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଗବେଷଣା କେନ୍ଦ୍ର ସଭାପତି ତଥା ଅନ୍ତର୍ରାଷ୍ଟ୍ରୀୟ ଜ୍ୟୋତିଷ ଆଚାର୍ଯ୍ୟ ଭାବରେ ଜ୍ୟୋତିଷ ଶାସ୍ତ୍ର ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। ସେ ଜାତୀୟ ଜ୍ୟୋତିଷ ଶାସ୍ତ୍ର ସଂଗଠନର ଅଧ୍ୟକ୍ଷ ଭାବରେ ମନୋନୀତ ହୋଇଥିଲେ। ତାଙ୍କ ପିତାମଦନ ବାଗଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ବିଶ୍ୱସ୍ତରରେ ସମ୍ମାନିତ ହୋଇ ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଥିବା ପ୍ରକାଶ କରିଛନ୍ତି।

ଜନଗଣନା ପାଇଁ ଡିଜିଟାଲ୍ ତାଲିମ

## ଦ୍ୱିତୀୟ ପର୍ଯ୍ୟାୟରେ ତାଲିମ ନେଲେ ୯୩ ଶିକ୍ଷକ

**ଧର୍ମଗଡ଼, ୨୧।୩(ସମିସ):** ଆସନ୍ତା ୨୦୨୭ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଗଣନା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଧର୍ମଗଡ଼ ରେ ଜନଗଣନା ଅଧିକାରୀ ତଥା ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପଧାନ ଙ୍କ ତତ୍ତ୍ୱାବଧାନ ରେ ତାଲିମ ଶିବିର ଗତ ୧୮ ତାରିଖ ଦିନରୁ ଆରମ୍ଭ ହୋଇ ୨୦ ତାରିଖରେ ପ୍ରଥମ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ଶନିବାର ଏହାର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ କଳାହାଣ୍ଡି ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଅତିରିକ୍ତ ତହସିଲଦାର ସମ୍ପଦ ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, ମାଷ୍ଟର ଟ୍ରେନର ତଥା ଅଧ୍ୟାପକ ଗଣପତି ବାଗ, ଅଧ୍ୟାପକ ସଞ୍ଜୀବ କୁମାର ମୁଣ୍ଡ, ସଦୟ ପ୍ରଧାନ, ରାଜେଶ ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ ସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସିନ ହୋଇ ଡିଜିଟାଲ ମୋଡ଼ ରେ କିଭଳି ଭାବରେ ଜନଗଣନା କରାଯିବ ନେଇ ସୂଚନା ଦେଇଥିଲେ। ୨୦୧୧ ଜନଗଣନା ପରେ ପ୍ରଥମ ଥର ଏହା ଡିଜିଟାଲ ମୋଡ଼ ରେ କରାଯାଉଛି। ଏଥିରେ ନିୟୋଜିତ ହେବାକୁ ଥିବା ଗଣନାକାରି ଏବଂ ପର୍ଯ୍ୟବେକ୍ଷକଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ତାଲିମ ଦେବା କାର୍ଯ୍ୟକ୍ରମ ରହିଛି ବୋଲି ତହସିଲଦାର ଶ୍ରୀ ପଧାନ ସୂଚନା ଦେଇଛନ୍ତି।ଶିବିରରେ ତହସିଲ କାର୍ଯ୍ୟାଳୟର ସେକ୍ସନ ଅଫିସର ରାମବିହାରୀ ମହାନନ୍ଦ, ହରିହର ମେହେର, ସୌରଭ ରାଉତ, ପ୍ରିୟଙ୍କା ମହାନ୍ତି, ଚନ୍ଦ୍ରକାନ୍ତ ଦୁରିଆ, ପ୍ରମୋଦ କୁମାର ମେହେର, ଦୟାନିଧି ନାଏକ ସମେତ ସମସ୍ତ ତହସିଲ କର୍ମଚାରୀ ସହଯୋଗ କରିଥିଲେ।

## ବିକାଶ ଆବାସିକ ବିଦ୍ୟାଳୟରେ ପ୍ରି- ପ୍ରାଇମେରୀ ବିଭାଗର ସମାବର୍ତ୍ତନ ଉତ୍ସବ

**ଭବାନୀପାଟଣା, ୨୧।୩ (ସମିସ):** ସ୍ଥାନୀୟ ବିକାଶ ଆବାସିକ ବିଦ୍ୟାଳୟର ଅଧିବେଶନ ଗୃହରେ ୨୦୨୫- ୨୬ ଶିକ୍ଷା ବର୍ଷ ପୂର୍ତ୍ତି ଅବସରରେ ସମବର୍ତ୍ତନ ଉତ୍ସବ ଆୟୋଜିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି.ଶ୍ୟାମ, ଡି.ରାମ କୁମାରଙ୍କ ସହିତ ଶିକ୍ଷା ପ୍ରଭାରୀ ଡି.ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀ ଆରତି ମିଶ୍ର,




ଶାଖା ପରିଚାଳକ ଗୁପ୍ତେଶ୍ୱର ଖୁଣ୍ଟିଆ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ବହୁସଂଖ୍ୟାରେ ଅଭିଭାବକମାନେ ଯୋଗଦାନ କରି ଉତ୍ସବଟିକୁ ସଫଳ ମଣ୍ଡିତ କରିଥିଲେ। ନିଜର ଅଭିଭାଷଣରେ ଅନୁଷ୍ଠାନର ଉଭୟ ନିର୍ଦ୍ଦେଶକ ସମସ୍ତ ଅଭିଭାବକଙ୍କୁ ତଥା ସମ୍ବର୍ଦ୍ଧିତ କୁନିକୁନି ପ୍ରତିଭାବାନ ଶିଶୁମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହିତ ବିକାଶ ଆବାସିକ ବିଦ୍ୟାଳୟର ପରିଚାଳନା ଏବଂ ଅବଦାନ ଉପରେ ଆଲୋକପାତ କରିଥିଲେ।

## ପିଏମଶ୍ରୀ ଏପି ଦାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଧର୍ମଗଡ଼, ୨୧।୩(ସମିସ):** ଜିଲ୍ଲା ଧର୍ମଗଡ଼ ବ୍ଲକ ପର୍ଲା ପିଏମଶ୍ରୀ ଅନନ୍ତ ପ୍ରସାଦ ଦାସ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଗତ ୧୮ ତାରିଖ ଦିନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ସେହିଦିନ ବର୍ଷା ଯୋଗୁଁ କାର୍ଯ୍ୟକ୍ରମକୁ ଅଧାରୁ ସ୍ଥଗିତ କରାଯାଇଥିଲା। ପ୍ରଧାନଶିକ୍ଷକ ନବ କୁମାର ସୁନାରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ମୁଖ୍ୟବକ୍ତା ଭାବେ ଶିକ୍ଷକ ପ୍ରଶିକ୍ଷକ ଈଶ୍ୱରଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମକାନ୍ତ ସାଗର ମହାନନ୍ଦ, ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବର, ପର୍ଲା ପଞ୍ଚାୟତ ସରପଞ୍ଚ ବ୍ରିଜଲାଲ ନାଏକ, ବିଦ୍ୟାଳୟ ପରିଚାଳନା ସଭାପତି ଧନୁର୍ଦ୍ଧର ଅଦା ପ୍ରମୁଖ ଯୋଗଦାନ କରିଥିଲେ।ଅଧାରୁ ବର୍ଷା ଯୋଗୁଁ କାର୍ଯ୍ୟକ୍ରମ ସ୍ଥଗିତ ରହିଥିବା ବେଳେ ଶୁକ୍ରବାର ଦିନ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ମୁଖଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରିଣୀ ଉର୍ଷିତା ଆଡେପା ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନି ମାଝୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁପା ନନ୍ଦ ଭୋଇ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ସଫଳତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଶିକ୍ଷକ ତେଜେଶ୍ୱର ସାହୁ କରିଥିବା ବେଳେ କାର୍ଯ୍ୟକ୍ରମକୁ ସାରଦା ଦାସ, ଅର୍ଜୁନ ଗୋପାଳ, ରୁଦ୍ରମାଧବ ନାଏକ, ମୁକ୍ତିକାନ୍ତ ମିଶ୍ର, ସେସବିନ୍ଦୁ କୁମ୍ଭାର, ସୋମନାଥ ମିଶ୍ର, ଲକ୍ଷ୍ମୀକାନ୍ତ ମେହେର, ବିକାଶ ସାହୁ, ପ୍ରୟାଗ ପଣ୍ଡା, ତୁଷାରକାନ୍ତ ନାଏକ, ବିରେନ୍ଦ୍ର ସୁନାନୀ, ପ୍ରତିଭା ପରିଡ଼ା, ଜ୍ୟୋତିମୟି ସାହୁ, ଶୁଭଲକ୍ଷ୍ମୀ ସାହୁ, ସରିତା ନାଏକ ସାହାଯ୍ୟ କରିଥିବା ବେଳେ, ପ୍ରବୀଣ ଦାସ, ଭାଗରଥୀ ପଟେଲ, ଗୁଣମତି ଶବର, ଶିବରାତ୍ରି ଜାଲ, ଜିତୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ଯୋଡାବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ

## ଶିକ୍ଷୟିତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର

**ଲାଞ୍ଜିଗଡ଼, ୨୧।୩ (ସମିସ):** ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ଚମ୍ପାଦେଇପୁର ପଞ୍ଚାୟତ ସ୍ଥିତ ଯୋଡ଼ାବନ୍ଧ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଠାରେ ଶିକ୍ଷୟିତ୍ରୀଙ୍କୁ ନେଇ ଆଇ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଯାଇଅଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ



ଶୁକଦେବ ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ରୁଷିଆ ମେହେର ଯୋଗଦେଇ ଏହି ତାଲିମ ଶିବିରର ଶିକ୍ଷା ଗ୍ରହଣ କରି ଅଭ୍ୟାସ ପୂର୍ବକ ଆବଶ୍ୟକ ପଡ଼ିଲେ କାମରେ ଲଗାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାରତ ଭୂଷଣ ସାହୁ, ଗୋବର୍ଦ୍ଧନପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ କୁମାର ଗୌରବ ପରିଡ଼ା, ଲାଞ୍ଜିଗଡ଼ରୋଡ ର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଶ୍ରବଣ କୁମାର ସରାଫ, ଚମ୍ପାଦେଇପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୌଭାଗ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। କାଯ୍ର୍ୟକ୍ରମର ସଂଯୋଜିକା ଧରିତ୍ରି ବିଷୋୟୀ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଓ ବାରୁଣୀ ବର ରୁଚି ପ୍ରଧାନ ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରତି କ୍ଲଷ୍ଟରରୁ ୨ ଜଣ ଲେଖାଏଁ ଶିକ୍ଷୟତ୍ରୀ ଯୋଗ ଦେଇ ତାଲିମ ନେଇଥିଲେ। ପରବର୍ତ୍ତୀ ସମୟରେ ପ୍ରତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଛାତ୍ରୀ ମାନଙ୍କୁ ଏହି ତାଲିମ ଦିଆଯିବ ବୋଲି ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ମେହେର ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟ କ୍ରମରେ ଶିକ୍ଷୟତ୍ରୀ ବନିତା ଧନରା ମାଝୀ, ଲକ୍ଷ୍ମୀପ୍ରିୟା ନାୟକ, କୁନିଲତା ବେହେରା, ପ୍ରୀୟକା ପ୍ରିୟଦର୍ଶିନୀ ସାହୁ, ଜୟଶ୍ରୀ ସ୍ୱାଇଁ, ଅମ୍ରିତା ଧଲ, ସାନିଆ ସେଖେର୍ ବେହେରା, ଜୀବନ ଜିତା ବିଶ୍?ାଳ, ଦୀପ୍ତି ମୟୀ ନାୟକ, ନିବେଦିତା ସାହୁ, ସୁଚିସ୍ମିତ ବେହେରା, ପ୍ରମିଳା ମାଝୀ, ବାପି ସ୍ମିତା ଛତ୍ରିଆଙ୍କ ସମେତ ମୋଟ ୧୩ଟି କ୍ଲଷ୍ଟର ରୁ ୨୬ ଜଣ ଶିକ୍ଷୟତ୍ରୀ ତାଲିମ ଶିବିରରେ ଯୋଗ ଦେଇଥିଲେ।

## ଖରିଆରରୋଡ଼ରେ ବିଶ୍ୱ ବନ ଦିବସ

**ନୂଆପଡ଼ା, ୨୧।୩ (ସମିସ):** ସ୍ଥାନୀୟ ଖରିଆରରୋଡ଼ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି।ଖରିଆରରୋଡ଼ ବନାଞ୍ଚଳ ଅଧିକାରୀ ଜୟଦେବ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକୃତି ପ୍ରେମୀ ମନୋଜ ଡାଗା ମୁଖ୍ୟ ଅତିଥି, ବନପାଳ ବିନୋଦ ବିହାରୀ ନାୟକ, ତ୍ରିବିକ୍ରମ ନାଏକ, ସଂଯୁକ୍ତା ବାରିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମରେ ବନ ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ବନ ସୁରକ୍ଷା ଏବଂ ନୂତନ ଜଙ୍ଗଲ ସୃଷ୍ଟି ଦିଗରେ ପଦକ୍ଷେପ ନେବାକୁ ମାର୍ଗ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନରକ୍ଷୀ ଶୁଭସ୍ମିତା ମହାନ୍ତି, ସୁଜାତା ବଡମାଳୀ, ସପ୍ତପର୍ଣ୍ଣା ବରିହା, ମମତା ମୁଣ୍ଡ, ସୋମନାଥ ବେହେରା, ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜଙ୍ଗଲ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ସକାଶେ ପ୍ରୋଟେକ୍ସନ ସ୍କ୍ୱାର୍ଡ ପ୍ରଫୁଲ୍ଲ ଶବର, ଉମାକାନ୍ତ ଶବର, ନୀଳାମ୍ବର ରାଉତ, ସନ୍ତୋଷ ସାହୁ, ଫାୟାର ସ୍କ୍ୱାର୍ଡ ନୀଳମଣୀ ସାହୁ, ଗଣେଶ ମାଝୀ, ପ୍ରୋଟେକ୍ସନ ୱାଚର ତିଳ ବରିହା, ବିକି ମନହୀରା ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଏଜେୱାଇର ଦୀନବନ୍ଧୁ ବାଗ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବଡ଼ପୋଡ଼ାଗୁଡ଼ା-ମହାଜନଗୁଡା ରାସ୍ତା ଶୋଚନୀୟ

**କୋକସରା, ୨୧।୩(ସମିସ):** କୋକସରା ବ୍ଲକର ବଡ଼ପୋଡ଼ାଗୁଡ଼ା ଦେଇ ମହାଜନଗୁଡାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତା ମରାମତି ଅଭାବରୁ ଅନେକ ଦିନ ହେଲା ଶୋଚନୀୟ ହୋଇପଡ଼ିଛି। ଯାହା ଫଳରେ ଯାତାୟାତରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ସୂଚନା ଯେ'ବଡ଼ପୋଡ଼ାଗୁଡ଼ାଠାରୁ ମହାଜନଗୁଡାକୁ ସଂଯୋଗ କରୁଥିବା ପ୍ରାୟ ୪.କିମି ଏହି ରାସ୍ତା ଗତ ୬/୭ ବର୍ଷ ତଳେ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା। ଏବଂ ନିର୍ମାଣ ପରଠାରୁ ୫ବର୍ଷର ରକ୍ଷଣାବେକ୍ଷଣ ଅବଧି ମଧ୍ୟ ସରିଛି। ହେଲେ ଅନେକ ଦିନ ହେଲା ମରାମତି ଅଭାବରୁ ରାସ୍ତା ଶୋଚନୀୟ ହୋଇପଡ଼ିଛି। ବର୍ତ୍ତମାନ ରାସ୍ତାରେ ଗେଟି, ମେଟାଲ ଉଠି ଯାଇ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ଗଲାଣି। ଯାହାଫଳରେ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ରାସ୍ତାଟି ୨୬ ନମ୍ବର ଜାତୀୟ ରାଜପଥରୁ ବିଜୁ ଏକ୍ସପ୍ରେସୱେ କୁ ସଂଯୋଗ ରହିଛି। ତେଣୁ ପ୍ରତିଦିନ ଏହି ରାସ୍ତାରେ ଶହଶହ ଗାଡ଼ି ମୋଟର ସହ ଅଞ୍ଚଳବାସୀ ନିର୍ଭରଶୀଳ। ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ବଡ଼ପୋଡ଼ାଗୁଡ଼ା, ମହାଜନଗୁଡା, ରଏନଗୁଡା, ତଲାଗାଁ ସମେତ ଆଖପାଖ ଗାଁ ଗୁଡ଼ିକର ଲୋକେ ଦାବି କରିଛନ୍ତି।



୫ ପଞ୍ଚାୟତବାସୀଙ୍କ ଲାଇଫ୍‌ଲାଇନ୍‌କୁ ଅଣଦେଖା

## ଲାଞ୍ଜିଗଡ଼-ବେନଗାଁ ରାସ୍ତା ଶୋଚନୀୟ

ଲାଞ୍ଜିଗଡ଼, ୨୧।୩(ସମିସ)

ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୁ ବେନଗାଁକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଲାଞ୍ଜିଗଡ଼ଠାରୁ ବାନିଗାଁ, ବିରସିଙ୍ଗେର, ଘୋଡାପୋଖେର, ପାଜିବାହାଲି ଦେଇ ବେନଗାଁକୁ ସଂଯୋଗ କରୁଥିବା ଏହି ୧୨ କିମି ବିଶିଷ୍ଟ ରାସ୍ତା ନିର୍ମାଣ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ସତେ ଯେମିତି ଭୁଲିଯାଇଛି। ଲାଞ୍ଜିଗଡ଼ ତଥା ଶିଳ୍ପାଞ୍ଚଳରୁ ଘାଟି ଅଞ୍ଚଳକୁ ସିଧାସଳଖ ଯୋଡୁଥିବା ଏହି ରାସ୍ତାର ଦୁରାବସ୍ଥା ଯୋଗୁଁ ଲୋକେ ଯାତାୟାତ କରିବା



କଷ୍ଟକର ହୋଇପଡ଼ିଛି। ଏପରିକି ଏହି ରାସ୍ତା ଆମ୍ବୁଲାନ୍ସ ଯିବାଆସିବାରେ ଅସୁବିଧା ହେଉଛି। ଲାଞ୍ଜିଗଡ଼ ବ୍ଲକ ଘାଟି ଅଞ୍ଚଳରେ ଥିବା ବେନଗାଁ, ଲାଖବାହାଲି, ବିଜେପୁର, ପାହାଡ଼ପଦର, ମାଳିଯୁବାଙ୍ଗ ଆଦି ପଞ୍ଚାୟତର ୨୦ ହଜାରରୁ ଅଧିକ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଲାଞ୍ଜିଗଡ଼ ଶିଳ୍ପାଞ୍ଚଳ ସମେତ ହାଟ ବଜାଇ ଓ ଡାକ୍ତରଖାନା ପାଇଁ ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବା ବେଳେ ରାସ୍ତା କିନ୍ତୁ ଲୋକଙ୍କୁ ଗମନାଗମନରେ ସୁବିଧା କରିବା ପରିବର୍ତ୍ତେ ବାଧା ସାଜି ଉଭା ହୋଇଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର କରି ଥିବା ବେଳେ ତାଙ୍କର ରକ୍ଷଣାବେକ୍ଷଣ ଅବଧି ସରିନାହିଁ। କିନ୍ତୁ ନିମ୍ନମାନର ରାସ୍ତା କାମ ଯୋଗୁଁ ରାସ୍ତା ଅଧା ଦିନରେ ଉଜୁଡ଼ି ଯାଇଥିବା ବେଳେ ଏହାର ମରାମତି ଓ ରକ୍ଷଣାବେକ୍ଷଣକୁ ସେ ନଜର ଅନ୍ଦାଜ କରି ଚାଲିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଅସିତ ଖଟୁଆଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା।

